ଆଜି - ଶନିବାର
ତାରିଖ - ୧୬ ମଇ ୨୦୨୬
ମାସ - ବୃଷ, ଦିନ - ୦୨
ତିଥି - ଅମାବାସ୍ୟା ପକ୍ଷ- କୃଷ୍ଣ
ନକ୍ଷତ୍ର - ଦ୍ୱିଜା, ମେଷ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫:୧୪:୦୦
ସୂର୍ଯ୍ୟାସ୍ତ - ୬ : ୧୧ : ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-mail: ajikalibls@gmail.com

E-News : www.Ajikali epaper.com

"ପ୍ରତ୍ୟେକ ଲୋକର ଆବଶ୍ୟକତାକୁ ମେଂଟାଇବା ପାଇଁ ପୃଥିବୀ ସବୁକିଛି ଯୋଗାଇ ଦେଇଥାଏ; କିନ୍ତୁ ଲୋଭକୁ ମେଂଟାଇବା ପାଇଁ ନୁହେଁ । "
- ମହାତ୍ମା ଗାନ୍ଧୀ

Vol.- 41 ISSUE- 32 R.N.I. REGD. No. 44026/86 ବାଲେଶ୍ୱର ୧୬ ମଇ ୨୦୨୬ ଶନିବାର BALASORE 16 MAY 2026 SATURDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦

# ପ୍ରଧାନମନ୍ତ୍ରୀ ଏବଂ ୟୁଏଇ ରାଷ୍ଟ୍ରପତିଙ୍କ ମଧ୍ୟରେ ସାକ୍ଷାତ ଆଲୋଚନା

## ତେଲ ଭଣ୍ଡାର ଓ ଏଲପିଜି ଯୋଗାଣ ନେଇ ଭାରତ-ୟୁଏଇ ମଧ୍ୟରେ ନୂଆ ବୁଝାମଣା

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଗସ୍ତ ଅଳ୍ପ ସମୟ ପାଇଁ ଥିଲା । କିନ୍ତୁ ତାହାର ଫଳ ଭାରତ ପାଇଁ ବଡ଼ ମନାଯାଉଛି । ଆବୁଧାବିରେ ମୋଦିଙ୍କ ପ୍ରାୟ ୨.୫ ଘଂଟିଆ ଗସ୍ତ ମଧ୍ୟରେ ଭାରତ ଓ ୟୁଏଇ ମଧ୍ୟରେ ପ୍ରତିରକ୍ଷା, ଏନର୍ଜି, ମେରିଟାଇମ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ଓ ନିବେଶ କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ବଦଳୁଥିବା ବିଶ୍ୱ ରାଜନୀତି ଏବଂ ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧ ପରିସ୍ଥିତି ମଧ୍ୟରେ ମୋଦୀଙ୍କ ଏହି ଗସ୍ତ କେବଳ କୂଟନୈତିକ ସ୍ତରରେ ସୀମିତ ରହିନାହିଁ, ବରଂ ଅର୍ଥନୈତିକ ଦୃଷ୍ଟିକୋଣରୁ ମଧ୍ୟ ଏକ ବଡ଼ ମାଇଲଖୁଂଟ ସାବ୍ୟସ୍ତ ହୋଇଛି । ଶକ୍ତି ସୁରକ୍ଷା ଏବଂ ପ୍ରତିରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଉଭୟ ଦେଶ ମଧ୍ୟରେ ଏକାଧିକ ଐତିହାସିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏଥିସହିତ ଭାରତରେ ପ୍ରାୟ ୫ ବିଲିୟନ ଆମେରିକୀୟ ଡଲାର (ପାଖାପାଖି ୪୧ ହଜାର କୋଟି ଟଙ୍କା) ନିବେଶ କରିବାକୁ ୟୁଏଇ ଔପଚାରିକ ଭାବେ ଘୋଷଣା କରିଛି । ପ୍ରଧାନମନ୍ତ୍ରୀ ମୋଦି ଏବଂ ୟୁଏଇ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ ଜାୟେଦ ଅଲ ନାହ୍ୟାନଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଚାଲିଥିବା ଉଚ୍ଚସ୍ତରୀୟ ବୈଠକ



ପରେ ଏହି ବଡ଼ ନିବେଶ ନେଇ ନିଷ୍ପତି ନିଆଯାଇଛି । ପଶ୍ଚିମ ଏସିଆରେ ଚାଲିଥିବା ଭୂ-ରାଜନୈତିକ ଅସ୍ଥିରତା ଓ ଆନ୍ତର୍ଜାତୀୟ ତେଲ ବଜାରର ଅନିଶ୍ଚିତତା ମଧ୍ୟରେ ଏହି ଗସ୍ତକୁ ବିଶେଷ ଗୁରୁତ୍ୱ ଦିଆଯାଉଛି । Strait of Hormuz ଭଳି ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥରେ ବିଘ୍ନ ସୃଷ୍ଟି ହେବାର ଆଶଙ୍କା ମଧ୍ୟରେ ଭାରତ ନିଜ ଏନର୍ଜି ସୁରକ୍ଷାକୁ ଆହୁରି ମଜବୁତ କରିବାକୁ ଚେଷ୍ଟା କରୁଛି । ୟୁଏଇ ସହ ହୋଇଥିବା ଏହି ବୁଝାମଣା ସେହି ରଣନୀତିର ଏକ ଅଂଶ ବୋଲି ଦେଖାଯାଉଛି । ଏହି ଗସ୍ତର ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରତିରକ୍ଷା ସହଯୋଗ । ଭାରତ ଓ ୟୁଏଇ ମଧ୍ୟରେ Strategic Defence Partnership ପାଇଁ ଏକ ଫ୍ରେମୱାର୍କ ଚୁକ୍ତି ସ୍ୱାକ୍ଷର ହୋଇଛି । ଏହା କେବଳ ସାଧାରଣ ସେନା ଅଭ୍ୟାସରେ ସୀମିତ ରହିବ ନାହିଁ । ଆଗକୁ ଦୁଇ ଦେଶ ଉନ୍ନତ ପ୍ରତିରକ୍ଷା ପ୍ରଯୁକ୍ତିର ଯୁଗ୍ମ ବିକାଶ, ଯୁଗ୍ମ ଉତ୍ପାଦନ, ଗୁପ୍ତଚର ତଥ୍ୟ ବିନିମୟ ଓ ଆତଙ୍କବାଦ ବିରୋଧୀ ସହଯୋଗକୁ ଆହୁରି ମଜବୁତ କରିବେ । ଏନର୍ଜି କ୍ଷେତ୍ରରେ ମଧ୍ୟ ବଡ଼ ପଦକ୍ଷେପ ନିଆଯାଇଛି । Strategic Petroleum Reserves ନେଇ ଭାରତ ଓ ୟୁଏଇ ମଧ୍ୟରେ ଏମଓୟୁ ହୋଇଛି । ଅର୍ଥାତ୍, ଆନ୍ତର୍ଜାତୀୟ ବଜାରରେ କ୍ରୁଡ୍ ଅଏଲ ଦର ବୃଦ୍ଧି କିମ୍ବା ଯୋଗାଣରେ ବାଧା ଆସିଲେ ଭାରତ ପାଇଁ ଏହା ଏକ ବଡ଼ ସୁରକ୍ଷା କବଚ ହୋଇପାରେ । ୟୁଏଇର ଇଉଘଙ୍ଡଉ ପୂର୍ବରୁ ଭାରତର ଭୂଗର୍ଭ ତେଲ ଭଣ୍ଡାରରେ ତେଲ ସଂଚୟ କରୁଥିବା ଏକମାତ୍ର ବିଦେଶୀ ସଂସ୍ଥା ଭାବେ ଯୋଡ଼ିତ ଅଛି । ନୂଆ ଚୁକ୍ତି ଏହି ସହଯୋଗକୁ ଆହୁରି ମଜବୁତ କରିବ । କେବଳ କ୍ରୁଡ୍ ଅଏଲ ନୁହେଁ, ଏଲପିଜି ଯୋଗାଣ ନେଇ ମଧ୍ୟ ଭାରତ ଓ ୟଏଇ ମଧ୍ୟରେ ଚୁକ୍ତି ହୋଇଛି । Indian Oil Corporation Limited ଓ ADNOC ମଧ୍ୟରେ ହୋଇଥିବା ଏହି ବୁଝାମଣା ଦ୍ୱାରା ଭାରତକୁ ଦୀର୍ଘମିଆଦି ଓ ପ୍ରାଥମିକତା ଆଧାରରେ ଏଲପିଜି ଯୋଗାଣ ମିଳିବ । ଏହା ଘରୋଇ ଗ୍ରାହକଙ୍କ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । କାରଣ, ବିଶ୍ୱ ବଜାରରେ ଦର ବଢ଼ିଲେ ତାହାର ସିଧା ପ୍ରଭାବ ଘରୋଇ ଏଲପିଜି ଉପରେ ପଡ଼ିଥାଏ । ମେରିଟାଇମ୍ କ୍ଷେତ୍ରରେ ମଧ୍ୟ ଏକ ବଡ଼ ଘୋଷଣା ହୋଇଛି । ଗୁଜରାଟର ବାଦିନାରରେ Ship Repair Cluster ସ୍ଥାପନ ପାଇଁ ଏମଓୟୁ ସ୍ୱାକ୍ଷର ହୋଇଛି । ଏହି ପ୍ରକଳ୍ପ ଭାରତର ସମୁଦ୍ର ଭିତିଭୂମିକୁ ମଜବୁତ କରିବ । ଆଗାମୀ ଦିନରେ ଜାହାଜ ମରାମତି ଓ ରକ୍ଷାବେକ୍ଷଣ କ୍ଷେତ୍ରରେ ଭାରତକୁ ଏକ ଆଂଚଳିକ କେନ୍ଦ୍ର ଭାବେ ଗଢ଼ିତୋଳିବାରେ ଏହା ସହାୟକ ହେବ ବୋଲି ଆଶା କରାଯାଉଛି । ଏହି ଗସ୍ତରେ ନିବେଶ କ୍ଷେତ୍ରରେ ମଧ୍ୟ ଭାରତ ପାଇଁ ବଡ଼ ଘୋଷଣା ହୋଇଛି । ୟୁଏଇ ପକ୍ଷରୁ ଭାରତରେ ୫ ବିଲିୟନ ଡଲାର ନିବେଶର ଘୋଷଣା କରାଯାଇଛି ।

# ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତା ୨ ପ୍ରତିଶତ ବୃଦ୍ଧି କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତାରେ ଦୁଇ ପ୍ରତିଶତ ବୃଦ୍ଧି ବିଷୟ ଘୋଷଣା କରିଛନ୍ତି । ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତା ୫୮ ପ୍ରତିଶତରୁ ୬୦ ପ୍ରତିଶତକୁ ବୃଦ୍ଧି ପାଇଛି । ଏହା ୨୦୨୬ଜାନୁଆରୀ ପହିଲାରୁ ପିଛିଲା ଭାବରେ ଲାଗୁ ହେବ । ଏହି ବର୍ଦ୍ଧିତ ମହଙ୍ଗା ଭତା ଚଳିତ ମେ ମାସ ଦରମାରେ ନଗଦ ଆକାରରେ ମିଳିବ । ଏହା ସହିତ ପେନ୍ସନ ଭୋଗୀ ମାନଙ୍କ ଟି.ଆଇରେ ମଧ୍ୟ ଦୁଇ ପ୍ରତିଶତ ବୃଦ୍ଧି କରାଯାଇଛି ।



ସେମାନେ ମଧ୍ୟ ଅନୁରୂପ ଭାବେ ମେ ମାସ ପେନ୍ସନରେ ଏହି ବର୍ଦ୍ଧିତ ଟି.ଆଇ ପାଇବେ । ଏହାଦ୍ୱାରା ରାଜ୍ୟର ପ୍ରାୟ ସାଢେ ୮ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍ସନଭୋଗୀ ଉପକୃତ ହେବେ ।

# ଆସନ୍ତା ୧୭ରୁ ଶ୍ରୀମନ୍ଦିରରେ ଶ୍ରୀପୁରୁଷୋତମ ଉପାସନା

ପୁରୀ : ମଳମାସ ଅବସରରେ ଆସନ୍ତା ୧୭ ତାରିଖ ରବିବାରଠାରୁ ଶ୍ରୀମନ୍ଦିରରେ ଶ୍ରୀପୁରୁ ଷୋତମଙ୍କ ସ୍ୱତନ୍ତ୍ର ଉପାସନା ବିଧି ଆରମ୍ଭ ହେବ । ଅମାବାସ୍ୟା ପରଦିନ ଶୁକ୍ଳ ପ୍ରତିପଦାଠାରୁ ମଳ ମାସ ଶେଷ ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଶ୍ରୀମନ୍ଦିର ଭିତର ବେଢ଼ାସ୍ଥ ଉକ୍ତ ମନ୍ଦିରରେ ବିରାଜିତ ଶ୍ରୀନାରାୟଣଙ୍କୁ ଶ୍ରୀପୁରୁଷୋତମ ଭାବେ ଉପାସନା କରିବେ । ମାନସିକ ରଖି ସେଠାରେ ଗୁଆ ନଡ଼ିଆ ବସାଇ ସଂକଳ୍ପ କରିବା ସହ ଏକ ମାସ ହବିଷ୍ୟ ପାଳନ କରନ୍ତି । ମଳମାସ ହେତୁ ବଡ଼ଦେଉଳରେ ଭିତର ଚନ୍ଦନ ୨୧ ଦିନ ପରିବର୍ତେ ଆଉ ଏକ ମାସ ଅଧିକ ହେବ । ପୁଣି ଏଥର ୧୦ ଥର ଠାକୁରଙ୍କ ଜଳକ୍ରୀଡ଼ା ବିଧି ହେବ । ସତ୍ୟନାରାୟଣ ପୂଜାପଣ୍ଡା ସାମନ୍ତ ଓ ଲକ୍ଷ୍ମୀନାରାୟଣ ପୂଜାପଣ୍ଡା ସାମନ୍ତ ଶ୍ରୀନାରାୟଣଙ୍କ ପୂଜାର୍ଚ୍ଚନା କରୁଛନ୍ତି । ପୂଜାପଣ୍ଡା ସାମନ୍ତ କୁହନ୍ତି, ଏହି ମଳ ମାସର ଶେଷ ୫ ଦିନ ପଂଚକ କରିବା ବିଧି ରହିଛି । ୩୦ ଦିନରେ ୩୦ ପ୍ରକାର ଫୁଲଫଳ ଠାକୁରଙ୍କୁ ଭୋଗ ଲାଗେ । ଏକାଦଶୀରେ ଦୀପ ଦାନ କରନ୍ତି । ତ୍ରୟୋଦଶୀରେ



ଠାକୁରଙ୍କୁ ଖିରି ଅମାଲୁ ଭୋଗ ଲଗାଯାଏ । ଶ୍ରୀମନ୍ଦିର ଭିତର ବେଢ଼ା ୯୧ ନମ୍ବର ପ୍ଲଟରେ ଅଧିମାସ ମନ୍ଦିର ରହିଛି ।

# ନିଟ୍-ୟୁଜି ବିଭ୍ରାଟ : ଦୋଷୀଙ୍କ ବିରୋଧରେ ହେବ କଠୋର କାର୍ଯ୍ୟାନୁଷ୍ଠାନ : କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଭୁବନେଶ୍ୱର : ଜୁନ ୨୧ରେ ହେବ NEET-UG ପରୀକ୍ଷା । NTA ପକ୍ଷରୁ ପରୀକ୍ଷା ତାରିଖ ଘୋଷଣା କରାଯାଇଛି । ସେପଟେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ପ୍ରେସମିଟ୍ କରି ନିଟ୍ ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ଏବଂ ସାଧୁତା ବଜାୟ ରଖିବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ଦୋହରାଇଛନ୍ତି । ସେ କହିଛନ୍ତି ଯେ, ପରୀକ୍ଷାର୍ଥୀଙ୍କ ପାଇଁ ସରକାର ସମ୍ବେଦନଶୀଳ । ପିଲାଙ୍କ ଭବିଷ୍ୟତ ନେଇ ଆମେ ଚିନ୍ତିତ । ଅଯୋଗ୍ୟ ପାସ୍ କରନ୍ତୁ ଆମେ ଚାହୁଁନାହୁଁ । ନିଟ୍-ୟୁଜି ପରୀକ୍ଷାରେ ଅନିୟମିତତା ଅଭିଯୋଗ ଆସିବା ପରେ, ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସରକାର ପରୀକ୍ଷାକୁ ବାତିଲ କରିବା ସହ ଜୁନ ୨୧ ତାରିଖରେ ପୁନଃ ପରୀକ୍ଷା ପାଇଁ ଧାର୍ଯ୍ୟ କରିଛନ୍ତି । ଶିକ୍ଷା ମାଫିଆଙ୍କ କ୍ଷେତ୍ରରେ ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରାଯିବ । ସୂଚନାନୁଯାୟୀ, ଗତ ମେ' ୩ ତାରିଖରେ ନିଟ୍-ୟୁଜି ପରୀକ୍ଷା



ଅନୁଷ୍ଠିତ ହୋଇଥିଲା । ମେ' ୭ରେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ) ପାଖରେ ଏକ ଅଭିଯୋଗ ପହଂଚିଥିଲା । ଅଭିଯୋଗ ଅନୁଯାୟୀ, ବଜାରରେ ଉପଲବ୍ଧ ଏକ 'ଗେସ୍ ପେପର' ର ପ୍ରଶ୍ନ ସହ ମୂଳ ପ୍ରଶ୍ନପତ୍ରର ସାମଞ୍ଜସ୍ୟ ରହିଥିଲା । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହାର ତୁରନ୍ତ ତଦନ୍ତ କରାଯାଇ ସରକାରୀ ସଂସ୍ଥାକୁ ହସ୍ତାନ୍ତର କରାଯାଇଥିଲା । ମେ' ୧୨ ତାରିଖ ସୁଦ୍ଧା ରାଜ୍ୟ ଏଜେନ୍ସିଗୁଡ଼ିକ ସହ ଯୋଗାଯୋଗ ପରେ ଏହା ସ୍ପଷ୍ଟ ହୋଇଥିଲା ଯେ, 'ଗେସ୍ ପେପର' ଆଳରେ ପ୍ରକୃତ ପ୍ରଶ୍ନପତ୍ର ହିଁ ଲିକ୍ କରାଯାଇଥିଲା । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, 'କୌଣସି ଯୋଗ୍ୟ ଓ ମେଧାବୀ ଛାତ୍ର ଶିକ୍ଷା ମାଫିଆ କିମ୍ବା ଜାଲିଆତି କରୁଥିବା ବ୍ୟକ୍ତିଙ୍କ ଷଡ଼ଯନ୍ତ୍ର ଯୋଗୁଁ ନିଜର ଅଧିକାରରୁ ଯେପରି ବଂଚିତ ନ ହୁଅନ୍ତି, ସେଥିପାଇଁ ଆମେ ପରୀକ୍ଷା ବାତିଲ କରିବାର କଠୋର ନିଷ୍ପତି ନେଇଛୁ ।'ପୂର୍ବରୁ ହୋଇଥିବା ଅନିୟମିତତା ପରେ ଗଠିତ 'ରାଧାକୃଷ୍ଣନ୍ କମିଟି'ର ପ୍ରତ୍ୟେକ ସୁପାରିଶକୁ ୨୦୨୫ ଏବଂ ୨୦୨୬ ବର୍ଷ ପାଇଁ ଅକ୍ଷରେ ଅକ୍ଷରେ ପାଳନ କରାଯାଇଥିଲା । ଏହା ସତ୍ତ୍ୱେ ଏପରି ଦୁର୍ଭାଗ୍ୟଜନକ ଘଟଣା ଘଟିଥିବାରୁ ସରକାର ଏହାକୁ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି । ସରକାର ସମସ୍ତ ପରୀକ୍ଷାର୍ଥୀଙ୍କୁ ଧୈର୍ଯ୍ୟର ସହ ପୁନଃ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ଅନୁରୋଧ କରିଛନ୍ତି । ପରୀକ୍ଷା ପରିଚାଳନାରେ ସଂପୂର୍ଣ୍ଣ ସ୍ୱଚ୍ଛତା ବଜାୟ ରଖିବାକୁ ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି ।

# ବିଶ୍ୱସ୍ତରୀୟ ସୁବିଧା ସହିତ ଯାତ୍ରୀମାନଙ୍କୁ ଅତ୍ୟାଧୁନିକ ସେବା ପ୍ରଦାନ କରୁଛି ଭାରତୀୟ ରେଳବାଇ : ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ : କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତନ ମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ର ଯାଦବ, ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଶ୍ରୀ ଭଜନଲାଲ ଶର୍ମା ଆଜି ରାଜସ୍ଥାନରେ ୪୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି ଏବଂ ଦେଶକୁ ଉତ୍ସର୍ଗ କରିଛନ୍ତି । ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ସଞ୍ଜୟ ଶର୍ମା, ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ବରିଷ୍ଠ ରେଳ ଅଧିକାରୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଭର୍ଚୁଆଲ ମାଧ୍ୟମରେ ଯୋଗ ଦେଇଥିଲେ । ରେଳ ମନ୍ତ୍ରୀ କହିଛନ୍ତି ଯେ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଅଲୱାର ରେଳ ଷ୍ଟେସନରେ ୧୧୨ କୋଟି ଟଙ୍କା ମୂଲ୍ୟର ପୁନଃବିକାଶ କାର୍ଯ୍ୟ ହାତକୁ ନିଆଯାଉଛି । ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଦିଲ୍ଲୀ-ଜୟପୁର ମାର୍ଗରେ ଅବସ୍ଥିତ, ଅଲୱାର ଷ୍ଟେସନ ପ୍ରତିଦିନ ହଜାର ହଜାର ଯାତ୍ରୀଙ୍କ



ପାଇଁ ଏକ ପ୍ରମୁଖ ହବ୍ ଭାବରେ କାର୍ଯ୍ୟ କରେ । କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଯାତ୍ରୀ ସଂଖ୍ୟା ଦୃଷ୍ଟିରୁ, ଉନ୍ନତ ଟ୍ରାଫିକ୍ ପରିଚାଳନା ବ୍ୟବସ୍ଥା, ପର୍ଯ୍ୟାପ୍ତ ପାର୍କିଂ ସୁବିଧା, ସଙ୍ଗଠିତ ଆଗମନ ଏବଂ ପ୍ରସ୍ଥାନ କ୍ଷେତ୍ର ଏବଂ ଆଧୁନିକ ଯାତ୍ରୀ ସୁବିଧା ସହିତ ଷ୍ଟେସନର ଉନ୍ନତିକରଣ କରାଯାଉଛି । ଶ୍ରୀ ବୈଷ୍ଣବ କହିଛନ୍ତି ଯେ ଅଲୱାର ରେଳ ଷ୍ଟେସନରେ ପୁନଃବିକାଶ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି ଏବଂ ସମ୍ପୂର୍ଣ୍ଣ ହେବା ପରେ ଏହି ଷ୍ଟେସନ ଏକ ଆଧୁନିକ ଏବଂ ସୌନ୍ଦର୍ଯ୍ୟପୂର୍ଣ୍ଣ ଡିଜାଇନ୍ ସୁବିଧା ଭାବରେ ଉଭା ହେବ । ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଅନୁଯାୟୀ ଅଲୱାର ଷ୍ଟେସନର ପୁନର୍ବିକାଶ ପାଇଁ ଯୋଜନା କରାଯାଇଛି, ଯେଉଁଥିରେ ରେଳ ଷ୍ଟେସନଗୁଡ଼ିକ ସହରଗୁଡ଼ିକୁ ସଂଯୋଗ କରିବା ପାଇଁ ସହାୟକ ହେବା ଉଚିତ । ସେ ଆହୁରି ମଧ୍ୟ କହିଛନ୍ତି ଯେ ସହରାଂଚଳ ସଂଯୋଗରେ ଉନ୍ନତି ଆଣିବା ପାଇଁ ଷ୍ଟେସନର ଉଭୟ ପାର୍ଶ୍ୱରେ ପ୍ରବେଶ ସୁବିଧା ବିକଶିତ କରାଯାଉଛି । ରାଜସ୍ଥାନର ସାଂସ୍କୃତିକ ଏବଂ ସ୍ଥାପତ୍ୟ ଐତିହ୍ୟ ଅନୁଯାୟୀ ଷ୍ଟେସନ କୋଠା ନିର୍ମାଣ କରାଯାଉଛି । ଆଧୁନିକ ପ୍ଲାଟଫର୍ମ, ପାଦଚଲା ଓଭରବ୍ରିଜ୍, ପାର୍କିଂ ବ୍ୟବସ୍ଥା ଏବଂ ଯାତ୍ରୀମାନଙ୍କ ପାଇଁ ଯାତାୟାତ ସୁବିଧା ମଧ୍ୟ ବିକଶିତ କରାଯାଉଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ଅଳ୍ପରେ ଖବର

- ରାଜ୍ୟରେ ୧୩ଶହରୁ ଅଧିକ ପେଟ୍ରୋଲ ପମ୍ପ ବନ୍ଦ ହୋଇଗଲାଣି । ୨ ହଜାରରୁ ଅଧିକ ବସ ଅଚଳ ହେବାକୁ ବସିଲାଣି ।
- ଅମର ଶହୀଦ ସୁଖଦେବ ଥାପରଙ୍କ ଜୟନ୍ତୀରେ ତାଙ୍କୁ ନମନ କରିଛନ୍ତି ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ।
- ରାଜ୍ୟରେ ପେଟ୍ରୋଲ, ଡିଜେଲର ଅଭାବ ନାହିଁ । ଏନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ପର୍ଯ୍ୟାପ୍ତ ପରିମାଣର ତୈଳ ମହଜୁଦ୍ ଅଛି ।

# ରାଜ୍ୟରେ ବଢ଼ିଲା ବସ୍ ଭଡ଼ା



ଭୁବନେଶ୍ୱର : ତୈଳ ଦର ବୃଦ୍ଧି ସହିତ ରାଜ୍ୟରେ ଘରୋଇ ବସ୍ ଭଡା ମଧ୍ୟ ବଢିଛି । ସାଧାରଣ ବସ୍ ଓ ଏକ୍ସପ୍ରେସ୍ ବସ୍ ଭଡ଼ା କିଲୋମିଟର ପିଛା ୨ ପଇସା ବୃଦ୍ଧି ପାଇଥିବା ବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ୍ ଭଡା କିଲୋମିଟର ପିଛା ୪ ପଇସା ବୃଦ୍ଧି ହୋଇଛି । ସେହିପରି ସୁପର୍ ଡିଲକ୍ସ ପ୍ରିମିୟମ ବସ୍ ଭଡା କିଲୋମିଟର ପିଛା ୬ ପଇସା ବୃଦ୍ଧି ପାଇଛି । ସାଧାରଣ ବସ୍ ଭଡା ୨ ପଇସା ବଢି ୮୮ ପଇସାରୁ ଏବେ ୯୦ ପଇସାରେ ପହଂଚିଛି । ଏକ୍ସପ୍ରେସ ବସ୍ ଭଡା ଭଡ଼ା ୯୨ ପଇସା ଥିଲା ବେଳେ ୯୪ ପଇସା ହୋଇଛି । ସେହିପରି ଡିଲକ୍ସ ବସ୍ ଭଡା ୧ ଟଙ୍କା ୨୭ ପଇସାରୁ ୧ ଟଙ୍କା ୩୧ ପଇସା , ଏସି ଡିଲକ୍ସ ବସ୍ ଭଡା୧ ଟଙ୍କା ୫୫ ପଇସାରୁ ୧ ଟଙ୍କା ୫୯ ପଇସା ଏବଂ ସୁପର୍ ଡିଲକ୍ସ ପ୍ରିମିୟମ ୨ ଟଙ୍କା ୪୧ ପଇସାରୁ ୨ ଟଙ୍କା ୪୭ ପଇସାକୁ ବଢିଛି । ଘରୋଇ ବସ୍ ମାଲିକ ସଂଘ ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ ଏହି ସୂଚନା ଦେଇଛନ୍ତି ।

# ଓଡ଼ିଶାରେ ଏସଆଇଆର : ଆସନ୍ତା ୩୦ରୁ ଘରକୁ ଘର ପରିଦର୍ଶନ କରିବେ ବିଏଲଓ

## ସେପ୍ଟେମ୍ବର ୬ରେ ପ୍ରକାଶ ପାଇବ ଚୂଡ଼ାନ୍ତ ଭୋଟର ତାଲିକା

ଭୁବନେଶ୍ୱର : ରାଜ୍ୟର ହେବାକୁ ଥିବା ସଘନ ସଂଶୋଧନ (ଏସଆଇଆର)-୨୦୨୬ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଆର ଏସ ଗୋପଲନ କହିଛନ୍ତି ଯେ, ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁଯାୟୀ ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପାଇଁ ସମୟସୂଚୀ ଘୋଷଣା କରାଯାଇଛି । ଘୋଷିତ କାର୍ଯ୍ୟସୂଚୀ ଅନୁଯାୟୀ, ୦୧ ଜୁଲାଇ ୨୦୨୬ ଏସ ଆଇ ଆର ପାଇଁ ଯୋଗ୍ୟତା ତାରିଖ ଧାର୍ଯ୍ୟ କରାଯାଇଛି ।୨୦ ମଇ ୨୦୨୬ ରୁ ୨୯ ମଇ ୨୦୧୬ ପର୍ଯ୍ୟନ୍ତ ପ୍ରିଂଟିଂ, ପ୍ରସ୍ତୁତି ଓ ପ୍ରଶିକ୍ଷଣ କାର୍ଯ୍ୟ ସମ୍ପନ୍ନ ହେବ । ଏହାପରେ ୩୦ ମଇ ରୁ ୨୮ ଜୁନ୨୦୨୬ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଘର ଯାଇ ପରିଦର୍ଶନ କରିବେ । ୨୮




ଜୁନ୨୦୨୬ ସୁଦ୍ଧା ମତଦାନ କେନ୍ଦ୍ର ଗୁଡିକର ପୁନର୍ବିନ୍ୟାସ ।ପରେ ୦୫ ଜୁଲାଇ ରେ ଚିଠା ଭୋଟର ତାଲିକା ପ୍ରକାଶ କରାଯିବ ।୦୫ ଜୁଲାଇ ରୁ ଅଗଷ୍ଟ ୦୪ ପର୍ଯ୍ୟନ୍ତ ଦାବି ଓ ଆପତି ଦାଖଲ ସମୟସୀମା ଧାର୍ଯ୍ୟହୋଇଥିବାବେଳେ,୦୫ ଜୁଲାଇ୨୦୨୬ ରୁ ୦୨ ସେପଟ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ନୋଟିସ ପର୍ଯ୍ୟାୟ/ଦାବି ଓ ଆପତିର ସମାଧାନ ଓ ୦୬ ସେପଟ୍ଟେମ୍ବର ୨୦୨୬ ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ଏସଆଇଆର ପାଇଁ ପ୍ରସ୍ତୁତି ପର୍ଯ୍ୟାୟରେ, ମୋଟ ନିର୍ବାଚକଙ୍କ ମଧ୍ୟରୁ ୩,୧୬,୦୩,୩୨୩ ଜଣ ନିର୍ବାଚକ ଅର୍ଥାତ୍ ୯୪.୬୧% ନିର୍ବାଚକଙ୍କୁ ୨୦୦୨ ମସିହାରେ ପ୍ରକାଶିତ ଶେଷ ଏସଆଇଆର ସମୟର ଭୋଟର ତାଲିକା ସହିତ ମ୍ୟାପ୍ କରାଯାଇଛି । ପ୍ରାକ୍-ଏସଆଇଆର ପର୍ଯ୍ୟାୟରେ ଯେଉଁ ନିର୍ବାଚକମାନଙ୍କୁ ମ ୍ୟ ା ପ ୍ କରାଯାଇପାରିନଥିଲା, ସେମାନେ ମଧ୍ୟ ୫ଓଜ ସମୟରେ ଯଥୋଚିତ ସୂଚନା ଦାଖଲ କଲେ ମ୍ୟାପ୍ ହୋଇପାରିବେ । ଏସ ଆଇ ଆର ସମୟରେ ୪୫ ହଜାର ୨୫୫ ଜଣ ବୁଥ ସ୍ତରୀୟ ଅଧିକାରୀ ନିର୍ବାଚକଙ୍କ ଘରକୁ ଘର ଯାଇ ପରିଗଣନା ଫର୍ମ ବଂଟନ ଓ ସଂଗ୍ରହ କରିବେ । ସ୍ୱତନ୍ତ୍ର ସଘନ ସଂଶୋଧନ କୁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ ରାଜନୈତିକ ଦଳମାନଙ୍କ ପୂର୍ବ ସହଭାଗୀତା ସହ କାର୍ଯ୍ୟାନ୍ୱୟନ କରିବାପାଇଁ, ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶା ସମସ୍ତ ରାଜନୈତିକ ଦଳଙ୍କୁ ପ୍ରତ୍ୟେକ ମତଦାନ କେନ୍ଦ୍ର ପାଇଁ ବୁଥ୍ ସ୍ତରୀୟ ଏଜେଂଟ (ବିଏଲଏ) ନିଯୁକ୍ତ କରିବାକୁ ଅନୁରୋଧ କରିଛନ୍ତି । ଏବେ ସୁଦ୍ଧା ରାଜ୍ୟରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ତରଫରୁ ମୋଟ ୨୭ହଜାର ୭୨୩ ଜଣଙ୍କୁ ନିଯୁକ୍ତ କରାଯାଇଛି । ଘରକୁ ଘର ପରିଗଣନା ସମୟରେ, ପ୍ରତ୍ୟେକ ଭୋଟରଙ୍କୁ ବିଏଲଓଙ୍କ ଜରିଆରେ ଦୁଇଟି ଲେଖାଏଁ ପୂର୍ବମୁଦ୍ରିତ ପରିଗଣନା ଫର୍ମ (ସଂଲଗ୍ନ-୩) ଯୋଗାଇ ଦିଆଯିବ ।

# କଷାଫଳ ପଂଚାୟତରେ ୧୦କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ୩ଟି ରାସ୍ତା ପ୍ରକଳ୍ପର ଶିଳାନ୍ୟାସ



ବାଲେଶ୍ୱର(ନି.ପ୍ର.) : ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର କଷାଫଳ ପଂଚାୟତରେ ମୋଟ ୧୦କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟରେ ତିନୋଟି ରାସ୍ତା ପ୍ରଶସ୍ତିକରଣ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ ହେବାକୁ ଯାଉଛି । ସଦର ବିଧାୟକ ମାନସ କୁମାର ଦତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରକଳ୍ପଗୁଡିକର ଶିଳାନ୍ୟାସ କରିଥିଲେ ।ମୁଖ୍ୟମନ୍ତ୍ରୀ ସଡକ ଯୋଜନା ଅଧୀନରେ ୫କୋଟି ୫୯ଲକ୍ଷ ଟଙ୍କା ବ୍ୟୟରେ ସାର୍ଥା ଠାରୁ କଷାଫଳ ପର୍ଯ୍ୟନ୍ତ ସାହୁ ଫେରିଘାଟ-ସାର୍ଥାବିନ୍ଧା ରାସ୍ତା, ୩କୋଟି ୧୨ଲକ୍ଷ ଟଙ୍କା ବ୍ୟୟରେ ସାହୁ ମାର୍କେଟ ଅଙ୍ଗନବାଡି କେନ୍ଦ୍ର ଠାରୁ ଡିଗିରି ପାହି ପର୍ଯ୍ୟନ୍ତ ରାସ୍ତା ଏବଂ ୧କୋଟି ୮୮ଲକ୍ଷ ଟଙ୍କା ବ୍ୟୟରେ ସତ୍ୟନାରାୟଣ ଘର ଛକ ଠାରୁ ଚାଲତି ଭାୟା ବାରମାନିଆ-ଗିମାଗଡିଆ ରାସ୍ତାର ନିର୍ମାଣ କାମ ଆରମ୍ଭ ହେବ ।ଏହି ଅବସରରେ ଆୟୋଜିତ ପୃଥକ ପୃଥକ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ଦତ କହିଥିଲେ ଯେ, ଗ୍ରାମାଂଚଳରେ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ କରିବା ଏବଂ ଗ୍ରାମକୁ ସହର ସହିତ ଯୋଡିବା ପାଇଁ ରାଜ୍ୟ ସରକାର ତ୍ୱରିତ ଭାବେ ପଦକ୍ଷେପ ଗ୍ରହଣ କରୁଛନ୍ତି । ବିଗତ ଦୁଇବର୍ଷ ମଧ୍ୟରେ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ୧୫୦ କିଲୋମିଟରରୁ ଅଧିକ ରାସ୍ତା ନିର୍ମାଣ ପାଇଁ ପ୍ରାୟ ୨୦୦କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ବୋଲି ସେ ସୂଚନା ଦେଇଥିଲେ ।ରାସ୍ତା ନିର୍ମାଣ କାମରେ ଗୁଣବତା ଏବଂ ସଠିକ ମାନଦଣ୍ଡ ରକ୍ଷା କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ପ୍ରକଳ୍ପ ଧାର୍ଯ୍ୟ ସମୟସୀମା ମଧ୍ୟରେ ଲୋକଙ୍କ ଆଶା ଅନୁଯାୟୀ ସମ୍ପୂର୍ଣ୍ଣ ହେବ ବୋଲି ବିଧାୟକ ଶ୍ରୀ ଦତ ଆଶା ପ୍ରକାଶ କରିଥିଲେ ।କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ଉପେନ୍ଦ୍ର ବେହେରା ଉପସ୍ଥିତ ଥିଲେ । କଷାଫଳ ପଂଚାୟତର ସରପଂଚ ଜୟନ୍ତୀ ଆଦିକ, ସମିତି ସଭ୍ୟା ପ୍ରିୟଙ୍କା ଜେନା, ନାଏବ ସରପଂଚ ପ୍ରିୟରଞ୍ଜନ ପୃଷ୍ଟିଙ୍କ ସହ ଲୋକନାଥ ଭୂୟାଁ, ମୁକୁନ୍ଦ ଆଦିକ, ମନ୍ମଥ ବେହେରା, ସତ୍ୟଜିତ ଜେନା, ମନୋରଞ୍ଜନ ନନ୍ଦି, ପବନ କମିଲା, ଅଶୋକ ରଣା, ହରେକୃଷ୍ଣ ଖଣ୍ଡା, ଶମ୍ଭୁନାଥ ଶାବଳ, ଆଶିଷ ସାହୁ, ଆଶିଷ ରାୟ, ସୁଶାନ୍ତ ପରିଡା, ହେମନ୍ତ ପରିଡା ଏବଂ ହରିଶ୍ଚନ୍ଦ୍ର ଦଳାଇ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ଶତାଧିକ ଲୋକ ଯୋଗଦେଇଥିଲେ ।

# ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ ର ବଡ଼ ବିକ୍ଷୋଭ

ବାଲେଶ୍ୱର, (ନି.ପ୍ର.): ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ବାତିଲକୁ ନେଇ ବାଲେଶ୍ୱର ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଷ୍ଟେସନ ଛକ ରୁ ଏକ ବିଶାଳ ରାଲି ରେ ଆସି ଫାଣ୍ଡି ଛକ ଠାରେ ବଡ଼ଧରଣର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବାରମ୍ଭାର ପ୍ରଶ୍ନପତ୍ର ଲିକ ଦ୍ୱାରା ମେଧାବୀ ବିଦ୍ୟାର୍ଥୀଙ୍କ ଜୀବନ ସହ ଖେଳ ହେଉଥିବା ଅଭିଯୋଗ କରି ଦାୟିତ୍ୱରେ ଅବହେଳା କାରଣରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରାଯିବା ସହ ତାଙ୍କର କୁଶ ପୁତଳିକା ଦାହ କରାଯାଇଛି । ସେହିପରି ଏନଟିଏର ପରୀକ୍ଷା ପରିଚାଳନାକୁ ନୀତିକୁ ଶତାଧିକ ଛାତ୍ର ଯୁବ ଉପସ୍ଥିତ ରହି ଜୋରଦାର ଧିକାର ଓ ନାରାବାଜି କରିଛନ୍ତି । ଏହି କୁଶ ପୁତୁଳା ଦାହ କାର୍ଯ୍ୟ କ୍ରମ ରେ ଜିଲ୍ଲା ଯୁବକଂଗ୍ରେସ ସଭାପତି ଇଂ ରଞ୍ଜନ ଦାସ ଛାତ୍ରଜିଲ୍ଲା କଂଗ୍ରେସ ସଭାପତି ଗୌତମ ସାହୁ, ସମେତ ପୂର୍ବତନ ବିଧାୟକ ସୁଦର୍ଶନ ଜେନା ପୂର୍ବତନ ଜିଲ୍ଲା ସଭାପତି ସଂଜୀବ ଗିରି, ଜିଲ୍ଲା ଉପସଭାପତି ସରୋଜ କୁମାର ଲେଙ୍କା, ଉପଭାପତି ଗୋପୀନାଥ ପାଢ଼ୀ କେଶବ,ନାୟକ ଜିଲ୍ଲାସମ୍ପାଦକ ଶ୍ରୀକାନ୍ତ ବୁଗୁଡ଼ାଇ ବରିଷ୍ଠ କଂଗ୍ରେସ ନେତ୍ରୀ ଅର୍ଚ୍ଚନା ନନ୍ଦୀ ଜୋସ୍ନା ସେନାପତି ହେମଲତା ଦାସ ଅଜଗର



ଅଲ୍ଲୀ, ସେକ କାଲାମ ପ୍ରମୁଖ ଉପସ୍ଥିତ ରହି ସରକାର ଙ୍କର ବିଫଳତା ଉପରେ ବର୍ଷି ଥିଲେ । ଏହି କାର୍ଯ୍ୟକ୍ରମ ରେ ନବ ପ୍ରସାଦ ଭୂୟାଁ,ଜୀବନ ମହାପାତ୍ର ସୁମିତ ସାଗର ଦାସ ସୌରଭ ପଟ୍ଟନାୟକ ସୁଧାକର ରାଉତ, ପତିତ ପାବନ ଦାସ ଜୟଦୀପ ସାହା ପ୍ରମୁଖ ବହୁ ଛାତ୍ର ଏବଂ ଯୁବ କଂଗ୍ରେସ ର କର୍ମୀ ଉପସ୍ଥିତ ଥିଲେ । ବିଜେପି ସରକାରର ଛାତ୍ର ମାରଣ ନୀତି ବିରୁଦ୍ଧରେ ବର୍ଷିବା ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କର କୁଶ ପୁତୁଳା ଦାହ କରିବା ସହ ନାରାବାଜି କରିବା ସହ କୁଶ ପୁତଳିକା ଦାହ କରିଥିଲେ ।

# ବସ୍ତା ପୋଲିସ ପକ୍ଷରୁ ଚଢ଼ଉ: ୩ ଗିରଫ ୩୭୧୦ ଲିଟର ଦେଶୀ ମଦ ଜବତ

ବାଲେଶ୍ୱର(ନି.ପ୍ର.) ବସ୍ତା ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ଼ ୧୪ ତାରିଖ ମଧ୍ୟରାତ୍ର, ୧୫ ତାରିଖ ମଧ୍ୟରେ ଚଢ଼ଉ କରି ବେଆଇନ ଭାବେ କଲିକତାକୁ ଚାଲାଣ ହେଉଥିବା ଦେଶୀମଦ ୩ହଜାର ୭୧୦ଲିଟଣ ଜବତ କରିଥିବା ବେଳେ ୩ଜଣଙ୍କୁ ଗିରଫ କରାଯାଇ ସେମାନଙ୍କ ଠାରୁ ୩ଟି ଚାରିଚକିଆ ଯାନ ଜବତ ହୋଇଛି । ଏ ସଂକ୍ରାନ୍ତରେ ବସ୍ତା ଥାନା ପକ୍ଷରୁ ୨୬୮/୨୬ ମୂଳେ ଏକ ମାମଲା ରୁଜୁ ହୋଇଛି । ଖବରରୁ ପ୍ରକାଶଯେ, ବିଳମ୍ବିତ ରାତ୍ରିରେ ସୁଦୂର କଲକତା ଓ ଅନ୍ୟାନ୍ୟ ଅଂଚଳକୁ ବେଆଇନ ଭାବେ ଯେଉଁଭଳି ଗାଇ ଚାଲାଣ କରାଯାଉଛି, ମାଦକଦ୍ରବ୍ୟ, ମଦ ମଧ୍ୟ ସେହିଭଳି ଭାବେ ଚାଲାଣ ହେଉଥିବା ଖବର ପୋଲିସ ପାଇ





ଅତର୍କିତ ଚଢ଼ଉ କରିଥିଲେ ।

# ରେମୁଣା ନିର୍ବାଚନ ମଣ୍ଡଳୀର ବାଘାଯତୀନ ମଣ୍ଡଳରେ 'ଜନ ଆକ୍ରୋଶ ମହିଳା ପଦଯାତ୍ରା' ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.) ଶୁକ୍ରବାର ଅପରାହ୍ନ ୫ ଘଟିକା ସମୟରେ ରେମୁଣା ନିର୍ବାଚନ ମଣ୍ଡଳୀର ବାଘାଯତୀନ ମଣ୍ଡଳରେ 'ଜନ ଆକ୍ରୋଶ ମହିଳା ପଦଯାତ୍ରା' ଅନୁଷ୍ଠିତ ହୋଇଅଛି । ମଣ୍ଡଳ ସଭାପତି ଉମାକାନ୍ତ ଜେନା ଏବଂ ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ଶୁଭସ୍ମିତା ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରେମୁଣା ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁସ୍ମିତା ପଣ୍ଡା, ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଚିତରଞ୍ଜନ ପଣ୍ଡା, ଜିଲ୍ଲା ଉସଭାପତି ସୁକୁମାର ଦାସ, ଜିଲ୍ଲା ସମ୍ପାଦିକା ରବିତା ଦାସ, ଜିଲ୍ଲା ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ସମୟ ଟୁଡୁ, ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ବିରୋଧ କରି ମା' ମାନଙ୍କ ଅଧିକାରରେ କଂଟା ସାଜିଥିବା ଉଭୟ ବିରୋଧୀ ଦଳ ବିଜେଡ଼ି ଓ କଂଗ୍ରେସ ଙ୍କୁ ବିରୋଧ ଉଦ୍ଦେଶ୍ୟରେ ଆୟୋଜିତ ଏହି ପଦଯାତ୍ରା ସରସ୍ୱତୀପୁର ପଂଚାୟତର ସମଲପୁର ଶିବ ମନ୍ଦିର ଠାରୁ ଆରମ୍ଭ ହୋଇ ନୂଆସାହି ଛକ ବାସନ୍ତୀ ମଣ୍ଡପ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ବିରୋଧୀ କଂଗ୍ରେସ ଦଳର ନେତା ରାହୁଲ ଗାନ୍ଧୀ, ବିଜେଡିର ନବୀନ ପଟ୍ଟନାୟକଙ୍କ ସମେତ ମମତା ବାନାର୍ଜୀ ଙ୍କ କୋଷପୋତଳିକା ଦାହ କରାଯାଇଥିଲା ।

ଆମ ସମାଜରେ ସର୍ବଦା ନାରୀ ପୂଜନ ଓ ନାରୀ ବନ୍ଦନର ବାର୍ତ୍ତା ଦେବା, ପ୍ରକୃତିକୁ ମା'ର ସ୍ଥାନ ଦେବା ଏବଂ ରାଷ୍ଟ୍ରକୁ ମାତା ବୋଲି ସମ୍ବୋଧନ କରାଯାଉଥିବା ବେଳେ ଦେଶର ସରକାର ବିରୋଧୀ



ରାଜନୈତିକ ଦଳ ମାନଙ୍କ ମାତୃ ବିରୋଧୀ ଆଚରଣ ଅତ୍ୟନ୍ତ ନିନ୍ଦନୀୟ । ଆଜି ସେହି ନାରୀବିରୋଧୀ ଦଳ ବିରୁଦ୍ଧରେ ସାରା ଦେଶର ନାରୀଶକ୍ତି ଜାଗ୍ରତ ହୋଇଛନ୍ତି । ସେମାନଙ୍କ ଏହି ମହିଳା ବିରୋଧୀ ଆଚରଣ ପାଇଁ ରାଜ୍ୟ ତଥା ଦେଶର ମା-ଭଉଣୀମାନେ ସେମାନଙ୍କୁ କେବେ ବି କ୍ଷମା ଦେବେ ନାହିଁ ବୁଲି ବିଧାୟକ ଶ୍ରୀ ଦାସ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ସାହା, ମଣ୍ଡଳ ସାଧାରଣ ସମ୍ପାଦକ କମଳ ଲୋଚନ ପ୍ରଧାନ, ବିପିନ ମାରାଣ୍ଡି, ସରପଂଚ ଝରଣା ମହାନ୍ତି, ରମା ମଣୀ ସେନାପତି, ସମିତି ସଭ୍ୟ ତ୍ରିଲୋଚନ ପ୍ରଧାନ, ମିନାକ୍ଷୀ ମହାପାତ୍ର, ଅଜୟ ଦାସ, ଗଜେନ୍ଦ୍ର ସେଠୀ, କାର୍ତ୍ତିକ ମହାନ୍ତି, ବିଜୟ କୁମାର ପଲେଇ, ରଶ୍ମି ରଞ୍ଜନ ରାଉତ, ମାନସ କୁମାର ପଣ୍ଡା, ବାସନ୍ତୀ ଦାସ, ଚନ୍ଦ୍ରମଣି ମହାପାତ୍ର ଇତ୍ୟାଦି ଉପସ୍ଥିତ ଥିଲେ ।

# ନୂତନ ସିଡବ୍ଲ୍ୟୁସି କମିଟି ଗଠିତ

ବାଲେଶ୍ୱର(ନି.ପ୍ର.) ସମ୍ପ୍ରତି ରାଜ୍ୟ ସରକାର ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପତ୍ରସଂଖ୍ୟା ୦୮୮୫/୧୪.୫.୨୬ ମୂଳେ ବାଲେଶ୍ୱର ଜିଲ୍ଲା ନୂତନ ସିଡବ୍ଲ୍ୟୁସି କମିଟିର ନାମ ତାଲିକା ପ୍ରକଶଶ ପାଇଛି । ଖବରରୁ ପ୍ରକାଶଯେ, ବିଜ୍ଞପ୍ତିରେ କୁହାଯାଇଛି କି, ବର୍ତମାନର ସିଡବ୍ଲ୍ୟୁସି ୩ବର୍ଷ କାର୍ଯ୍ୟକାଳ ଶେଷ କଲାପରେ ନୂତନ ଶିଶୁ କଲ୍ୟାଣ ସମିତି ଗଠନ କରାଯାଇଛି । ଏଥିରେ ଚେୟାରପର୍ସନ ଭାବେ ଅଂଗାରଗଡ଼ିଆ କଲ୍ୟାଣପୁର ଅଂଚଳର ସ୍ନିଗ୍ଧା ଦାସ ଏବଂ ସିଡବ୍ଲ୍ୟୁସିର ସଦସ୍ୟ ଭାବେ ଯାଦବେଶ ମିଶ୍ର, ଲୋପାମୁଦ୍ରା ମହାପାତ୍ର, ଗୌରୀରାଣୀ ଉପ୍ୟାଧ୍ୟା ଓ ହୋମିଓପାଥିକ ଡାକ୍ତର ଡ. ପ୍ରକାଶ ମହାପାତ୍ରଙ୍କୁ ନିଯୁକ୍ତି ମିଳିଛି ।

# ବାର ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ବାର ଏସୋସିଏସନର ସଭାପତି ମନୋଜ କୁମାର ନାୟକ, ଉପସଭାପତି ରଣଜିତ ପଣ୍ଡା ଓ ଆଇନଜୀବୀ ଜୀତେନ୍ଦ୍ର ଉପାଧ୍ୟାୟଙ୍କ ମିଳିତ ଉଦ୍ୟମରେ ୧୫ ତାରିଖ ପୂର୍ବାହ୍ନରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି କି, ବାଲେଶ୍ୱର ଅଦାଲତ ଏବଂ କଚେରୀ ପରିସରକୁ ଆସୁଥିବା ସାଧାରଣ ବ୍ୟକ୍ତି ନିଜର ଗାଡ଼ି ରଖିବା ପାଇଁ ଆବଶ୍ୟକ ମୁତାବକ ପାର୍କିଂ ବ୍ୟବସ୍ଥା ନଥିବାଯୋଗୁଁ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମୁଖ୍ୟତଃ ଜୁଡ଼ିସିଆଲ, ଏକଜିକ୍ୟୁଟିଭ କୋର୍ଟ, ଅଫିସ ଏବଂ ପୁରୁଣା କଚେରୀହତା ପରିସରରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜିଲ୍ଲା ପଂଜିକରଣ କାର୍ଯ୍ୟାଳୟ, ଜିଲ୍ଲା ସୂଚନା ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ଖାଉଟି ଖଣ୍ଡପୀଠ କାର୍ଯ୍ୟାଳୟ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରମୁଖ ରହିଥିଲା ବେଳେ ପୁରୁଣା କୋର୍ଟ କ୍ୟାମ୍ପସ୍ ପରିସରରେ ପାର୍କିଂର ବ୍ୟବସ୍ଥା ନାହିଁ । ଏଣୁ ଆଇନଜୀବୀମାନଙ୍କ ସମେତ ଜନସାଧାରଣଙ୍କ ପାଇଁ ଉଡ଼ନ୍ତାପୋଲ ତଳେ ପାର୍କିଂର ବ୍ୟବସ୍ଥା କଲେ ଗାଡ଼ିଗୁଡ଼ିକ ସୁରୁଖୁରୁରେ ରହିପାରିବ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ତା'ଛଡ଼ା ଓଭରବ୍ରିଜ, ଡିଆରଡିଏ ଅଫିସ, ଉପଜିଲ୍ଲାପାଳ କାର୍ଯ୍ୟାଳୟ, କୃଷି ବିଭାଗ ଅଫିସ ପ୍ରମୁଖ ଅଂଚଳରେ ପାର୍କିଂର ବ୍ୟବସ୍ଥା କରାଯିବାକୁ ମଧ୍ୟ କୁହାଯାଇଛି ।

# ଷ୍ଟେସନ ରୋଡ଼ରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର, ଅଂଶୁଘାତ ସନ୍ଦେହ

ସୋର, (ନି.ପ୍ର.) ସୋର ପୌର ପାଳିକା ଅନ୍ତର୍ଗତ ଷ୍ଟେସନ ରାସ୍ତାରେ ଥିବା ସତ୍ୟସାଇ ମନ୍ଦିର ନିକଟରୁ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି । ସୂଚନା ଅନୁସାରେ ଆଜି ଅପରାହ୍ନରେ ଏହି ସ୍ଥାନରେ ଜଣେ ଅଜଣା ଯୁବକ ଚେତାଶୂନ୍ୟ ହୋଇ ପଡ଼ିଥିବା ଦେଖି ସ୍ଥାନୀୟ ଯୁବକ ବିକି ନାୟକ ଏକ ୧୦୮ ଆମ୍ବୁଲାନ୍ସରେ ସୋର ମେଡ଼ିକାଲରେ ଭର୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ସୋର ପୁଲିସ ମେଡିକାଲରେ ପହଂଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି । ତେବେ ଆଜି ପ୍ରବଳ ଖରା ସହ ଗୁଳୁଗୁଳି ଅନୁଭୂତ ହୋଇଥିବାରୁ ଅଂଶୁଘାତରେ ଯୁବକଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି ।

# ୧୫ତମ ବାର୍ଷିକଉତ୍ସବ ଅବସରରେ ଅନୁଷ୍ଠିତ ହେଲା କବିତା ପାଠ, ପ୍ରତିଭା ସମ୍ମାନ, ସାଂସ୍କୃତିକ କାର୍ଯ୍ୟକ୍ରମ



ବାଲେଶ୍ୱର, (ନି.ପ୍ର.): ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ବାଲେଶ୍ୱରରୁ ନିୟମିତ ପ୍ରକାଶିତ ପାଉଥିବା ମାସିକ ସମ୍ବାଦଭିତିକ ପତ୍ରିକା 'ସମୟର ଚକ୍ର'ର ୧୫ତମ ବାର୍ଷିକଉତ୍ସବ ଓ କବିତା ପାଠ, ପ୍ରତିଭା ସମ୍ମାନ, ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟ ବିନା ସମ୍ବାଦ ପତ୍ର ପ୍ରତିଷ୍ଠା ଲାଭ କରିପାରିବ ନାହିଁ । ସତ୍ୟ ସମ୍ବାଦ ପରିବେଷଣରେ ଅନେକ ସଂକଟ ଅଛି ହେଲେ ମିଛ ସିଂହାସନରେ ବସାଇ କାହାକୁ ରାଜା କରା ଯାଇପାରେନା । ପ୍ରତ୍ୟେକ ମଣିଷର ଜୀବନ ସମ୍ବାଦପତ୍ରର ଖୋଲାପୃଷ୍ଠା ପରି । ସେଥିରେ ଏପରି ସ୍ୱାକ୍ଷର ଛାଡ଼ିଯିବା ଯାହାକୁ ପଢ଼ି ଉତର ସାଧକମାନେ ଜୀବନ ଜିଇଁବାର କଳା ଶିଖିପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଅତିଥି ମାନେ ଆହୁରି କହିଲେ ଯେ 'ସମୟର ଚକ୍ର' କେବଳ ପତ୍ରିକା ଭାବରେ ନୁହେଁ ସାମାଜିକ କାର୍ଯ୍ୟ, ପ୍ରତିଭା ସମ୍ମାନ, ସଂସ୍କୃତି ତଥା ଆଂଚଳିକ ବିକାଶ କ୍ଷେତ୍ରରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ସାମିଲ ହୋଇ ବିକଶିତ ସମାଜ ଗଠନ ଦିଗରେ ନିଜକୁ ପ୍ରତିପାଦିତ କରିପାରିଛି ।ଏଥିରେ ସହ ସମ୍ପାଦିକା ସତ୍ୟଭାମା ଜେନା ମଂଚ ଆହ୍ୱାନ କରିଥିବା ବେଳେ ଅଧ୍ୟାପକ ଡକ୍ଟର ଅଶ୍ୱିନୀ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।ସମାଜସେବୀ କବି ଅଭୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର ଷଡଙ୍ଗୀ, ମୁଖ୍ୟବକ୍ତା ଭାବେ ରାଜ୍ୟ ମହିଳା କମିଶନ୍ ଅଧ୍ୟକ୍ଷା ଶୋଭନା ମହାନ୍ତି, ବରେଣ୍ୟ ଅତିଥି ଭାବେ ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା, ଯୁବନେତା ବିକ୍ରମ ପଣ୍ଡା, ଶିକ୍ଷାବିତ୍ ଡକ୍ଟର ପଙ୍କଜ କୁମାର ଜେନା, ସମାଜସେବୀ ଗଙ୍ଗାଧର ଜେନା, ଡକ୍ଟର କାଳିକିଙ୍କର ଦାସ, କବି ନିରୋଦ ସୁନ୍ଦର ଜେନା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସଂପାଦକ ସର୍ବେଶ୍ୱର ଜେନା ଅତିଥି ପରିଚୟ ପ୍ରଦାନ କରିବା ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୩ ଜଣ ପ୍ରତିଭାଧରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହିତ 'ସମୟର ଚକ୍ର'ର ବାର୍ଷିକ ବିଶେଷାଙ୍କ ଲୋକାର୍ପିତ ହୋଇଥିଲା ।ପ୍ରଥମ ଅଧିବେଶନରେ କବିତା ପାଠ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏହାକୁ ଗାଳ୍ପିକ ଶାନ୍ତନୁ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ବରିଷ୍ଠ ସାହିତ୍ୟିକ କବି ବ୍ରଜେନ୍ଦ୍ରନାଥ ଗିରି ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଉଦଳା ଏନ.ଏ.ସି. ଚେୟାରମ୍ୟାନ କବି ପ୍ରମିଳା ପଣ୍ଡା । ମୁଖ୍ୟବକ୍ତା ଭାବେ ଫକୀରମୋହନ ସାହିତ୍ୟ ପରିଷଦର ସଂପାଦକ ଡକ୍ଟର ରତ୍ନାକର ସିଂହ, ବରେଣ୍ୟ ଅତିଥି ଭାବେ ସମାଜସେବୀ ପ୍ରତିମା ପଣ୍ଡା, କବି କଲ୍ୟାଣୀ ନନ୍ଦ, ଭଗବାନ ଦାସ ଖଣ୍ଡେଲୱାଲ, ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ, କବି ହାଡିବନ୍ଧୁ ପାତ୍ର, ସମାଜସେବୀ ସୁଶାନ୍ତ କର ପ୍ରମୁଖ ଯୋଗ ଦେଇ ବାଲେଶ୍ୱରର ଏହି ପତ୍ରିକା ଆଗାମୀ ଦିନରେ ଅଧିକ ସମ୍ପ୍ରସାରିତ ହେଉ ବୋଲି ପରାମର୍ଶ ଦେଇଥିଲେ । ଏହି ଅବସରରେ ୨୫ରୁ ଉର୍ଦ୍ଧ୍ୱ କବି କବିତା ପାଠ କରିଥିଲେ । ଉଦଯାପନୀ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନୋଜ କୁମାର ନାୟକ ପରିଚାଳନା କରିଥିଲେ । ଏଥିରେ ସମାଜସେବୀ ସୋମନାଥ ବିଶ୍ୱାଳ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ରେମୁଣା ବ୍ଲକ ଚେୟାରମ୍ୟାନ ରାଜେନ୍ଦ୍ର କୁମାର ରାଉତ, ମୁଖ୍ୟବକ୍ତା ଭାବରେ ସମାଜସେବୀ ଶ୍ରଦ୍ଧାଞ୍ଜଳି ରାୟ, ବରେଣ୍ୟ ଅତିଥି ଭାବେ ସମାଜସେବୀ ବିକାଶ ପାଢୀ, ସମାଜସେବୀ ସିମନ ଦାସ ମହାପାତ୍ର, ସତେନ୍ଦ୍ର ଦାସ, ଲୁଲୁମିନତୀ ସେଠୀ, ରତିକାନ୍ତ ଦାସ, ପ୍ରହ୍ଲାଦ କୁମାର ଦାସ ପ୍ରମୁଖ ଯୋଗଦାନ କରି କୁନି କୁନି ପିଲାମାନଙ୍କ ମନୋବଳ ଦୃଢ କରିବା ସହ ସେମାନଙ୍କୁ ପୁରସ୍କୃତ କରି ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସୁସଙ୍ଗମ ଜେନା, ଲଲାଟେନ୍ଦୁ ପଟ୍ଟନାୟକ, ଅଭୟ ସାହୁ, ମନୋଜ ମୁଖୀ, ସଂଗୀତ ନିର୍ଦ୍ଦେଶକ ଅମରେଶ ପାତ୍ର ପ୍ରମୁଖ ସହଯୋଗ କରିଥିଲେ । କୁନି କଣ୍ଠଶିଳ୍ପୀ ସୁହାନି ସାଇ ଜେନା ସ୍ୱାଗତ ସଂଗୀତ ଓ ନନ୍ଦିକା ବିଶ୍ୱାଳ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ଶେଷରେ କୁନି କଣ୍ଠଶିଳ୍ପୀ ରିତୀକା ମହାପାତ୍ରଙ୍କ ସଂଗୀତରେ ଦର୍ଶକ ଝୁମିଥିଲେ ।





ଅଧୈର୍ଯ୍ୟ ହେଲେ କୌଣସି ସମସ୍ୟାର ସମାଧାନ ହୋଇ ନଥାଏ ବୋଲି ଜାଣି ରଖନ୍ତୁ, ବରଂ ପରିସ୍ଥିତି ଅଧିକ ଜଟିଳ ହୁଏ ।

# ଆଜିକାଲି



*ଯଦି ମାମ ପ୍ରତିକାରଶସ୍ତ୍ରଂ ଶସ୍ତ୍ରପାଣୟଃ ।*
*ଧାର୍ତରାଷ୍ଟ୍ରାରଣେ ହନ୍ୟୁସ୍ତନ୍ମେ କ୍ଷେମତରଂ ଭବେତ୍*
*(ଶ୍ରୀମଦ୍ ଭଗବତ୍ ଗୀତା)*

ଭାବାର୍ଥ : ଯଦି ମୋ ପରି ନିଃଶୟ ଓ ସାହସହୀନ ଲୋକକୁ ଦେଖି ଧୃତରାଷ୍ଟ୍ରଙ୍କ ଶସ୍ତ୍ରଧାରୀ ପୁତ୍ରମାନେ ଯୁଦ୍ଧରେ ମାରି ଦିଅନ୍ତି, ତେବେ ବି ମଧ୍ୟ ତାହା ମୋ ପକ୍ଷରେ ଅଧିକ ମଙ୍ଗଳକର ହେବ ।

## ପତିବ୍ରତାର ସଂକଳ୍ପ

ଭାରତୀୟ ସଂସ୍କୃତିରେ ନାରୀର ସ୍ଥାନ ଅତି ଉଚ୍ଚରେ । ସେ ଏକାଧାରରେ ଜାୟା, ଜନନୀ ଓ ଭଗିନୀ । ଅଧିକାଂଶ ପୁରୁଷଙ୍କ ସଫଳତା ପଛରେ ଥାଏ ଜଣେ ଜଣେ ନାରୀଙ୍କ ପ୍ରେରଣା- ଏହା ବିଶ୍ୱରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଜୀବନୀ ଅନୁଧ୍ୟାନ କଲେ ଜଣାଯାଇଥାଏ । ପବିତ୍ରତା ଧର୍ମ ନାରୀର ଶ୍ରେଷ୍ଠ ଧର୍ମ । ସତୀ ଅନସୂୟା, ଜନକନନ୍ଦିନୀ ସୀତା, ମହାରାଣୀ ଶବ୍ୟା ଓ ସାବିତ୍ରୀ ପ୍ରତ୍ୟେକ ଆଦର୍ଶର ଜଣେ ଜଣେ ମୂର୍ତିମନ୍ତ ପ୍ରତୀକ । ପରିବର୍ତିତ ପରିସ୍ଥିତିରେ ବି ଏମାନେ ସମଗ୍ର ନାରୀ ସମାଜ ପାଇଁ ଆଦର୍ଶ ହୋଇ ରହିଛନ୍ତି । ପବିତ୍ରତା ଧର୍ମର ଶ୍ରେଷ୍ଠ ନିଦର୍ଶନ ଦେଖାଇଥିଲେ ସାବିତ୍ରୀ । ଏହାରି ବଳରେ ସେ ମୃତ୍ୟୁର ଦେବତା ଯମଙ୍କ କବଳରୁ ନିଜ ସ୍ୱାମୀଙ୍କୁ ବଂଚାଇବାରେ ଯେ ସମର୍ଥ ହୋଇଥିଲେ ତାହା ନୁହେଁ, ଶାଶୁ ଶଶୁରଙ୍କ ଦୃଷ୍ଟିଶକ୍ତି ସହ ତାଙ୍କର ଅପହୃତ ରାଜ୍ୟ ଫେରି ପାଇବାରେ ମଧ୍ୟ ସହାୟକ ହୋଇଥିଲେ । ମଦ୍ର ଦେଶର ରାଜା ଅଶ୍ୱପତିଙ୍କର କନ୍ୟା ଥିଲେ ସାବିତ୍ରୀ । ରୂପଗୁଣରେ ସାବିତ୍ରୀଙ୍କ ସମକକ୍ଷ କେହି ନଥିଲେ । ବିବାହଯୋଗ୍ୟ ବୟସରେ ରାଜା ତାଙ୍କୁ ନିଜେ ପତି ନିର୍ବାଚନ କରିବା ଭାର ଅର୍ପଣ କରିଥିଲେ । ସାବିତ୍ରୀ ବର ଭାବରେ ନିର୍ବାଚନ କରିଥିଲେ ରାଜ୍ୟ ଦ୍ୟୁମତ ସେନଙ୍କ ପୁତ୍ର ସତ୍ୟବାନଙ୍କୁ । ଦ୍ୟୁମତ ସେନ ଓ ତାଙ୍କ ସ୍ତ୍ରୀ ଚକ୍ଷୁହୀନ ହୋଇପଡ଼ିବାରୁ ଶତ୍ରୁମାନେ ତାଙ୍କୁ ରାଜ୍ୟରୁ ତଡ଼ିଦେଇ ରାଜଗାଦି ମାଡ଼ି ବସିଥିଲେ । ଏକମାତ୍ର ପୁତ୍ର ସତ୍ୟବାନ ଥିଲେ ସର୍ବଲକ୍ଷଣଯୁକ୍ତ, ସତ୍ୟନିଷ୍ଠ ତଥା ଧର୍ମପରାୟଣ । ପିତାଙ୍କ ନିକଟରେ ପତି ନିର୍ବାଚନ କଥା ସାବିତ୍ରୀ କହୁଥିବା ସମୟରେ ଜାଣିବାକୁ ପାଇଥିଲେ ସତ୍ୟବାନଙ୍କ ସ୍ୱଳ୍ପଆୟୁ ସମ୍ପର୍କରେ - ଏକବର୍ଷ ମଧ୍ୟରେ ମୃତ୍ୟୁ । କ୍ଷଣଆୟୁସମ୍ପନ୍ନ ସତ୍ୟବାନଙ୍କ ଠାରୁ ମନ ଫେରାଇଆଣି ଅନ୍ୟପତି ନିର୍ବାଚନ ପାଇଁ ଚାହିଁଥିଲେ ତାଙ୍କର ପିତାମାତା । ସାବତ୍ରୀ କିନ୍ତୁ ଥିଲେ ଦୃଢ଼ପ୍ରତୀଜ୍ଞ, ସଂକଳ୍ପବଦ୍ଧ । ମନଭିତରେ ଯାହାଙ୍କୁ ପତି ରୂପେ ବରଣ କରିଛନ୍ତି କୌଣସି ପରିସ୍ଥିତିରେ ତାଙ୍କୁ ଦୂରେଇ ଦେବାକୁ ସେ ଚାହିଁ ନଥିଲେ । ବିବାହ ନ କରିଥିଲେ ବି ମନେ ମନେ ତାଙ୍କୁ ସ୍ୱାମୀ ଭାବରେ ବରଣ କରିଥିଲେ । ଘୋର ଅନିଚ୍ଛା ସ□େ୍ୱ ପିତା ଅଶ୍ୱପତି ସତ୍ୟବାନଙ୍କ ସହ ତାଙ୍କର ବିବାହ କରାଇ ଦେଇଥିଲେ । ଜଙ୍ଗଲକୁ କାଷ୍ଠ ସଂଗ୍ରହ ପାଇଁ ପ୍ରତ୍ୟହ ଯାଉଥାନ୍ତି ସତ୍ୟବାନ । ସେଦିନ ଦ୍ୟୁମନ ସେନଙ୍କ ଅନୁମତି ନେଇ ସତ୍ୟବାନଙ୍କ ସହ ଜଙ୍ଗଲକୁ ଯାଇଥିଲେ ସାବିତ୍ରୀ । କାଷ୍ଠ ସଂଗ୍ରହ ବେଳେ ସତ୍ୟବାନ ଅବଶ ଓ କ୍ଳାନ୍ତ ହୋଇପଡ଼ିଲେ । ସେହିଠାରୁ ସତ୍ୟବାନ ପ୍ରାଣତ୍ୟାଗ କଲେ । ଯମଦୂତମାନେ ସାବିତ୍ରୀଙ୍କଠାରୁ ସତ୍ୟବାନଙ୍କୁ ନେବାରେ ଅସମର୍ଥ ହେବାରୁ ସ୍ୱୟଂ ଯମ ଦେବତା ଶେଷରେ ଆସି ପହଂଚ□ିଥିଲେ । ଯମ ଦେବତା ସତ୍ୟବାନଙ୍କ ପ୍ରାଣହୀନ ପିଣ୍ଡକୁ ନେଇ ସ୍ୱର୍ଗଲୋକ ଯାତ୍ରା ସମୟରେ ସାବିତ୍ରୀ ତାଙ୍କର ପଶ୍ଚାତ୍‌ଧାବନ କଲେ । ତାଙ୍କର ଅଦ୍ଭୁତ ପବିତ୍ରତା, ସଂକଳ୍ପଶକ୍ତି, ଏକାଗ୍ରତା ଯମରାଜାଙ୍କୁ ମଧ୍ୟ ବିସ୍ମିତ କରିଦେଇଥିଲା । ଆୟୁଷ ପୂରିଯାଇଥିବା ସତ୍ୟବାନଙ୍କ ଜୀବନ ଭିକ୍ଷା ବ୍ୟତୀତ ତିନୋଟି ବର ମାଗିବାକୁ ସେ ସାବତ୍ରୀଙ୍କୁ କହିଥିଲେ । ବେଳେବେଳେ ଏପରି ସମୟ ଆସେ ମନୁଷ୍ୟ ତ ଛାର, ଦେବତାମାନେ ମଧ୍ୟ କିଂକ□ବ୍ୟବିମୂଢ଼ ହୋଇ ନତି ସ୍ୱୀକାର କରିଥାନ୍ତି । ତାହାହିଁ ହୋଇଥିଲା । ମୃତ୍ୟୁର ଦେବତା ଯମରାଜ ପୁତ୍ର ସନ୍ତାନର ଜନନୀ ହେବା ବର ଯଚାରେ ସାବିତ୍ରୀ ଫେରି ପାଇଥିଲେ ସତ୍ୟବାନଙ୍କ ଜୀବନ । ଭକ୍ତି ଓ ଦୃଢ଼ସଂକଳ୍ପ ବଳରେ ଅସମ୍ଭବ କିପରି ସମ୍ଭବ ହୋଇଥାଏ, ତା'ର ନିଦର୍ଶନ ରଖିଯାଇଛନ୍ତି ସାବିତ୍ରୀ ଯୁଗଯୁଗକୁ ।

## ପବିତ୍ର ସାବିତ୍ରୀ ବ୍ରତ

◆ ରାମଚନ୍ଦ୍ର ବେହେରା

ମଦ୍ରର ନୃପତି ରାଜା ଅଶ୍ୱପତି
ରାଣୀ କୌଶଲ୍ୟାଂକ କୋଳେ
କନ୍ୟା ରତ୍ନଟିଏ ନେଇଥିଲା ଜନ୍ମ
ପ୍ରଭୁଙ୍କ ଆଶିଷ ବଳେ ।
ଅପରୂପା କାନ୍ତି ପୂର୍ଣ୍ଣ ଶଶୀ ଜ୍ୟୋତି
ସେ ଥିଲା କନ୍ୟା ଗାୟତ୍ରୀ
ସମୟାନୁକ୍ରମେ ନାମ ବଦଳିଲା
ହେଲା ସେ ସତୀ ସାବିତ୍ରୀ ।
ସୌମ୍ୟକାନ୍ତ ରୂପ ସତ୍ୟବାନଂକର
ସାଜିଲେ ସେ ଧର୍ମ ପତ୍ନୀ
ଏକ ବର୍ଷପରେ ବୈଧବ୍ୟ ଭୋଗିବେ
ଥିଲା ଭବିଷ୍ୟତ ବାଣୀ ।
ସମର୍ପଣ ଭାବ ହୃଦୟରେ ଭରି
ପାଳିଲେ ପତ୍ନୀ ଧରମ
ମୃତ୍ୟୁର ଭୟରେ ଅଧର୍ମ କରିଲେ
କି ଲାଭ ଥାଇ ଜୀବନ ।
ଘନ ଅରଣ୍ୟରେ ପତିଂକ ଜୀବନ
ରକ୍ଷାକଲେ ନିଷ୍ଠା ବଳେ
ପ୍ରଭୁ ଯମଦେବ ବରଦାନ ଦେଲେ
ସତୀ ହେଲେ କାଳେ କାଳେ ।
ପୂଜି ଭକ୍ତି ଚିତେ ଲକ୍ଷ୍ମୀ ନାରାୟଣ
ସଂକଟ କରିଲେ ଦୂର
ପତିବ୍ରତା ପତ୍ନୀ ରୂପେ ମହାସତୀ
ରଖିଲେ ଯଶ ନାରୀର ।
ସତୀ ସାବିତ୍ରୀଂକ ନାରୀ ସ୍ୱାଭିମାନ
ଆମରି ସଂସ୍କୃତି କୁହେ
ତାଂକ ବ୍ରତ ପାଳି ସଧବା ଗୃହିଣୀ
ବୈଧବ୍ୟ ଦଶା ଦୂରାଏ ।
ସ୍ୱାମୀର ଦୀର୍ଘାୟୁ କାମନା କରି ସେ
ଆନନ୍ଦେ କାଟେ ଜୀବନ
ଅହିସୁଲକ୍ଷଣୀ ମହନୀୟା ରୂପେ
ସଂସାରେ ପାଏ ସମ୍ମାନ ।
ସାବିତ୍ରୀ ବ୍ରତକୁ ଯେ ପାଳେ ନିଷ୍ଠାରେ
ପାଏ କୋଟି ପୁଣ୍ୟ ଫଳ
ବାଧା ବିଘ୍ନ ତା'ର ଦ୍ୱାର ନମାଡଇ
ଶାନ୍ତିରେ କାଟଇ କାଳ ।

*ତେନ୍ତୁଳିପଦା, ଜଗତସିଂହପୁର, ମୋ-୭୩୫୫୬୩୪୩୪୬*

## ଓବିସି ସଂରକ୍ଷଣର ପ୍ରାରମ୍ଭ ଓ ବିକାଶ

◆ ଅଧ୍ୟାପକ ଗୋପବନ୍ଧୁ, ଦର୍ଶନ ବିଭାଗ (ଅବସରପ୍ରାପ୍ତ)

ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ମାନଙ୍କ ସଂରକ୍ଷଣ କଥା ଏବେ ଉଭୟ କେନ୍ଦ୍ର ଓ ରାଜ୍ୟରେ ଅନବରତ ଚର୍ଚ୍ଚା ଚାଲିଛି । ହେଲେ ଏହାର ପ୍ରାରମ୍ଭ କିପରି ହୋଇଛି ସେ ବିଷୟରେ ଖୁବ୍ କମ୍ ଲୋକ ଜାଣନ୍ତି । ଏହି ବର୍ଗର ଲୋକଙ୍କୁ ନିଜର ସାମ୍ବିଧାନିକ ସ୍ଥିତିକୁ ବୁଝିବା ପାଇଁ ଅନେକ ବର୍ଷ ଲାଗିଗଲା । ସଂରକ୍ଷିତ ସୁବିଧା ଭୋଗୀ କହିଲେ ଏମାନେ ଏସଟି ଓ ଏସସିକୁ ବୁଝୁଥିଲେ । ଏମାନଙ୍କ ଧାରଣା ଥିଲା ଯେ ସଂରକ୍ଷଣ ମାଧ୍ୟମରେ ସମସ୍ତ ସୁବିଧା ସୁଯୋଗ ଏସଟି ଓ ଏସସିମାନେ ନେଇ ଯାଉଛନ୍ତି । ତେଣୁ ଏମାନେ ଚାକିରୀ ଓ ବୈଷୟିକ ଶିକ୍ଷାରୁ ବଂଚିତ ହେଉଛନ୍ତି । ଏହି ଧାରଣା ଯୋଗୁଁ ଏମାନଙ୍କ ମଧ୍ୟରୁ ଅନେକେ ମଣ୍ଡଳ କମିଶନର କର୍ଯ୍ୟକାରୀତା ବିରୁଦ୍ଧରେ ଆନ୍ଦୋଳନକୁ ଓହ୍ଲାଇ ଥିଲେ ଓ ଗୁଳିଖାଇ ମରିଥିଲେ ମଧ୍ୟ । ଏମାନଙ୍କ ଧାରଣା ଥିଲା ଯେ ମଣ୍ଡଳ କମିଶନ ରିପୋର୍ଟର କାର୍ଯ୍ୟକାରିତା ଯୋଗୁଁ ଏସଟି ଓ ଏସସିଙ୍କ ସଂରକ୍ଷଣ ଆହୁରି ବଢ଼ିଯିବ । ଏହି କାରଣରୁ ଏମାନେ ଡ.ଆମ୍ବେଦକରଙ୍କୁ ଉପଯୁକ୍ତ ସମ୍ମାନ ଦେବାକୁ କୁଣ୍ଠାବୋଧ କରୁଥିଲେ । ସେ ଓବିସିମାନଙ୍କ ପାଇଁ କିଛି କରି ନାହାଁନ୍ତି ବୋଲି ଧାରଣା ଥିଲା । ସେ ଯାହା କିଛି କରିଛନ୍ତି ଦଳିତ ଓ ଆଦିବାସୀଙ୍କ ପାଇଁ କରିଛନ୍ତି । ଆମ ସମ୍ବିଧାନ ଏକ ପ୍ରଗତିଶୀଳ ନିୟମ ସମ୍ବଳିତ ଗ୍ରନ୍ଥ, ଯାହା ଏକ ସମତାଭିତିକ ସମାଜର ପରିକଳ୍ପନା କରିଛି । ସେଇଥିପାଇଁ ସମ୍ବିଧାନ ରଚନା କାଳରେ ଧାରା ୩୪୧ ଅନୁଯାୟୀ ଅନୁସୂଚିତ ଜାତି(ଏସସି)ଙ୍କ ବିକାଶ ପାଇଁ ଓ ଧାରା ୩୪୨ ଅନୁଯାୟୀ ଅନୁସୂଚିତ ଜନଜାତି (ଏସଟି)ଙ୍କ ବିକାଶପାଇଁ ସଂଖ୍ୟାନୁପାତିକ ସଂରକ୍ଷଣ ବିଭିନ୍ନ କ୍ଷେତ୍ରରେ ପ୍ରଦାନ କରାଯାଇଛି । ଏହା ପୂର୍ବରୁ ଭାରତ ସରକାରଙ୍କ ନିୟମ, ୧୯୩୫ ମସିହା ଅନୁଯାୟୀ ଅନୁସୂଚୀତ ଜାତି (ଏସସି)ଙ୍କୁ ମାନ୍ୟତା ମିଳିଯାଇ ଥିଲା ଏବଂ ଆଦିବାସୀ ମାନ୍ୟତା ମଧ୍ୟ ଆସି ଯାଇଥିଲା ଯାହା ପରେ ସମ୍ବିଧାନରେ ଅନୁସୂଚୀତ ଜନଜାତି(ଏସଟି) ଭାବେ ପରିଚିତ ହେଲା । ଏମାନଙ୍କ ବାଦେ ସମ୍ବିଧାନରେ ଅନ୍ୟ ଏକ ଅନଗ୍ରସର ବର୍ଗକୁ ସ୍ୱୀକୃତି ମିଳିଥିଲା, ଯଦିଓ ଯାହାର ସଠିକ ନାମକରଣ ହୋଇ ନଥିଲା ଓ ଚୁଡାନ୍ତ ତାଲିକା ପ୍ରସ୍ତୁତ ହୋଇ ନଥିଲା । ତେଣୁ ଏମାନଙ୍କ ପାଇଁ ସମ୍ବିଧାନରେ ସଂରକ୍ଷଣ ସମ୍ବନ୍ଧୀୟ ଅନ୍ୟଏକ ଧାରା ରହିଛି ତାହା ହେଉଛି ଧାରା ୩୪୦ । ଦେଶରେ ଥିବା ଏହି ଅନଗ୍ରସର ବର୍ଗଙ୍କ ବିକାଶ ପାଇଁ ଏହି ଧାରା ଉଦ୍ଦିଷ୍ଟ । ଏହି ଧାରା ଅନୁଯାୟୀ ରାଷ୍ଟ୍ର ଏମାନଙ୍କ ବିକାଶ ପାଇଁ ଉଦ୍ୟମ କରିବାକୁ ବାଧ୍ୟ । ଏମାନଙ୍କ ଅବସ୍ଥା ସମ୍ବନ୍ଧରେ ଅନୁଧ୍ୟାନ ପାଇଁ ସରକାର କମିଶନ ବସାଇ ପାରିବେ ଓ କମିଶନଙ୍କ ସୁପାରିଶ ମୁତାବକ ପଦକ୍ଷେପ ନେଇ ପାରିବେ । ଏହି ଧାରାକୁ ସମ୍ବିଧାନ ପ୍ରଣୟନ ସଭାରେ ୧୬ ଜୁନ୍, ୧୯୪୯ ମସିହାରେ କାକା କାଲେଲକର ଉପସ୍ଥାପନ କରିଥିଲେ । ଏହା ପଛରେ ଡ୍ରାଫ୍ଟିଙ୍ଗ କମିଟିର ଚେୟାରମେନ ଡକ୍ଟର ବି.ଆର. ଆମ୍ବେଦକରଙ୍କ ହାତ ଓ ଦୃଢ଼ ସମର୍ଥନ ଥିଲା । କାରଣ ସେ ଚାହିଁଥିଲେ ଅନ୍ୟାନ୍ୟ ଅନଗ୍ରସର ବର୍ଗଙ୍କୁ ଏସଟି ଓ ଏସସି ତୁଲ୍ୟ ସମାନୁପାତିକ ସଂରକ୍ଷଣ ସୁବିଧା ପ୍ରଦାନ ପାଇଁ । କିନ୍ତୁ ଦୁଃଖର କଥା ଅଳ୍ପ କେତେଜଣଙ୍କୁ ଛାଡିଦେଲେ ସେ ସମୟର ସଂଖ୍ୟାଧିକ ଏହି ବର୍ଗର ନେତା ତାଙ୍କୁ ସହଯୋଗର ହାତ ବଢ଼ାଇ ନଥିଲେ । ଅନ୍ୟ ଏକ ଅସୁବିଧା ଥିଲା ଯେ କେଉଁ ଜାତିଗୁଡିକ ଏହି ବର୍ଗର ଅନ୍ତର୍ଗତ ହେବେ ତାହାର ସ୍ୱଷ୍ଟ ଆଧାର ଓ ତାଲିକା ପ୍ରସ୍ତୁତ ହୋଇନଥିଲା । ଯଦିଓ ୧୯୩୧ ମସିହା ଜାତିଭିତିକ ଜନଗଣନାରେ ଏମାନଙ୍କ ସଂଖ୍ୟାର ଆକଳନ ହୋଇଥିଲା, ଯାହାକୁ ପରେ ମଣ୍ଡଳ କମିଶନ ଉଲ୍ଲେଖ କରି କହିଥିଲେ ଏମାନଙ୍କ ସଂଖ୍ୟା ୫୨% ବୋଲି । ସମ୍ବିଧାନ ପ୍ରସ୍ତୁତ ପୂର୍ବରୁ ଆପତତଃ ଏସସି ଓ ସୂଚୀବଦ୍ଧ ଆଦିବାସୀଙ୍କ ତାଲିକା ଉପଲବ୍ଧ ଥିଲା । ତେଣୁ ଅସୁବିଧା ହେଲା ନାହିଁ । ଅସୁବିଧା ଥିଲା ଅନ୍ୟାନ୍ୟ ଅନଗ୍ରସର ବର୍ଗଙ୍କ ପାଇଁ । ତଥାପି ସେ ଏମାନଙ୍କ ପାଇଁ ଏହି ଧାରାକୁ ସମ୍ବିଧାନରେ ସ୍ଥାନିତ କରି ଯାଇଛନ୍ତି । ସେ ଜାଣିଥିଲେ ଆଜି ନହେଲେବି କାଲି ଏମାନେ ଏହାର ଆବଶ୍ୟକତାକୁ ବୁଝିବେ । ସ୍ୱାଧୀନତା ପରେ ସେ ବହୁ ଚେଷ୍ଟା କରିଥିଲେ ଏହି ଅନ୍ୟାନ୍ୟ ଅନଗ୍ରସର ବର୍ଗକୁ ସ୍ୱତନ୍ତ୍ର ମାନ୍ୟତା ଦେବା ପାଇଁ ଓ ଏ ବାବଦକୁ ଏକ କମିଶନ ବସାଇବା ପାଇଁ । ସେ ସ୍ୱାଧୀନୋତର ଭାରତ ବର୍ଷର ପ୍ରଥମ ଆଇନ୍ ମନ୍ତ୍ରୀ । ଅଗଷ୍ଟ ୧୫, ୧୯୪୭ ରୁ ସେପ୍ଟମ୍ବର ୨୭, ୧୯୫୧ ପର୍ଯ୍ୟନ୍ତ ଥିଲେ । ପ୍ରଥମ ପ୍ରଧାନମନ୍ତ୍ରୀ ଶ୍ରୀ ଜବାହରଲାଲ ନେହେରୁଙ୍କ ଅନୁରୋଧ କ୍ରମେ ସେ ତାଙ୍କ ମନ୍ତ୍ରୀ ମଣ୍ଡଳରେ ସାମିଲ ହୋଇଥିଲେ । ଏହା ପୂର୍ବରୁ ସେ ନେହରୁଙ୍କ ସମ୍ମୁଖରେ କିଛି ସର୍ତ ରଖିଥିଲେ । ସେଗୁଡ଼ିକ ମଧ୍ୟରୁ ପ୍ରଥମଟି ହେଲା ହିନ୍ଦୁ କୋଡ୍ ବିଲକୁ ପାସ କରାଇବାରେ ସାହାଯ୍ୟ କରିବେ ଓ ଦ୍ୱିତୀୟରେ ଥିଲା ଅନ୍ୟାନ୍ୟ ଅନଗ୍ରସର ବର୍ଗ ପାଇଁ ଏକ କମିଶନ ବସାଇବେ । ଏମାନଙ୍କ ଅନୁଧ୍ୟାନ ପୂର୍ବକ ଏମାନଙ୍କୁ ସମ୍ବିଧାନରେ ସ୍ୱତନ୍ତ୍ର ମାନ୍ୟତା ଦେବା ଓ ରିପୋର୍ଟ ମୁତାବକ ସୁବିଧା ସୁଯୋଗ ପ୍ରଦାନ କରିବା । ସେ ଏମାନଙ୍କ ପାଇଁ ଏକ କମିଶନ ବସାଇବା ପାଇଁ ଅନେକବାର ନେହରୁଙ୍କୁ ଅନୁରୋଧ କରିଥିଲେ । କିନ୍ତୁ ଶ୍ରୀ ନେହରୁ ଏଦିଗରେ ଆଗ୍ରହ ଦେଖାଇ ନଥିଲେ । ଏହା ତାଙ୍କୁ ବ୍ୟଥିତ କରିଥିଲା । ଅନ୍ୟ ପଟେ ହିନ୍ଦୁ କୋଡ୍ ବିଲକୁ ନେଇ ରକ୍ଷଣଶୀଳ ମାନେ ଆନ୍ଦୋଳନକୁ ଓହ୍ଲାଇ ଥିଲେ । ନେହରୁ ହିନ୍ଦୁ କୋଡ୍ ବିଲକୁ ନେଇ ଆଗକୁ ବଢିବାକୁ ନାରାଜ ହେଲେ । ଏଥିରେ କ୍ଷୁବ୍ଧ ହୋଇ ଆମ୍ବେଦକର ତାଙ୍କ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଇଥିଲେ । ତେଣୁ ତାଙ୍କ ଇସ୍ତଫା ଅନ୍ୟାନ୍ୟ ଅନଗ୍ରସର ବର୍ଗର ସ୍ୱାର୍ଥ ପାଇଁ ମଧ୍ୟ ଜଡିତ ଥିଲା । ଅନେକେ ଏ ବିଷୟରେ ଅବଗତ ନୁହଁନ୍ତି । ଘଟଣା ଚକ୍ରରେ ବିହାରର ତତ୍କାଳୀନ ବିଶିଷ୍ଟ ପଛୁଆବର୍ଗ ନେତା ରାମ ଲକ୍ଷନ ସିଂ ଚନ୍ଦପୁରି ଏକ ବିଶାଳ ସମାବେଶ ଆୟୋଜନ କରିଥିଲେ ଏସଟି, ଏସସି ଓ ଅନ୍ୟାନ୍ୟ ଅନଗ୍ରସର ବର୍ଗଙ୍କ ଏକତା ପାଇଁ । ଯେଉଁ ସମାବେଶକୁ ଡକ୍ଟର ଆମ୍ବେଦକରଙ୍କୁ ଡକାଯାଇ ଥିଲା । ଯେଉଁଠାରେ ଆମ୍ବେଦକର ଅନ୍ୟାନ୍ୟ ଅନଗ୍ରସର ବର୍ଗକୁ ଚିହ୍ନଟ କରିବା ପାଇଁ ଏକ କମିଶନ ଗଠନର ଦୃଢ଼ ଦାବୀ ଉପସ୍ଥାପନ କରିଥିଲେ । ଏହାର ଚାପ ନେହରୁଙ୍କ ଉପରେ ପଡିଥିଲା । ଅନ୍ୟପଟେ ସ୍ୱାଧୀନତା ପରେ ଅନ୍ୟାନ୍ୟ ଅନଗ୍ରସର ବର୍ଗର କିଛି ନେତୃତ୍ୱ ଓ ପ୍ରଗତିଶୀଳ ନେତା ଏମାନଙ୍କ ବିକାଶ ପାଇଁ ସଂରକ୍ଷଣର ଆବଶ୍ୟକତାକୁ ବୁଝିଲେ ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କଲେ ଏକ କମିଶନ ଗଠନ ପାଇଁ । ଫଳରେ ଧାରା ୩୪୦ ଅନୁଯାୟୀ ୧୯୫୩ ମସିହାରେ ତତ୍କାଳୀନ କେନ୍ଦ୍ର ସରକାର ଏମାନଙ୍କ ସାମାଜିକ, ଆର୍ଥିକ ଓ ଶିକ୍ଷାଗତ ଅବସ୍ଥାର ଅନୁଧ୍ୟାନ ପାଇଁ କାକା କାଲେଲକରଙ୍କ ଅଧ୍ୟକ୍ଷତାରେ ଏକ କମିଶନ ବସାଇ ଥିଲେ । ଏହା କାଲେଲକର କମିଶନ ଭାବେ ପରିଚିତ । ସେ ଏହି ବର୍ଗ ପାଇଁ 'ସାମାଜିକ ଓ ଶିକ୍ଷାଗତ ଭାବେ ଦୁର୍ବଳ ଶ୍ରେଣୀ' ନାମର ବ୍ୟବହାର କରିଥିଲେ । ୧୯୫୫ ମସିହାରେ ଏହି କମିଶନ ତାର ରିପୋର୍ଟ କେନ୍ଦ୍ର ସରକାରଙ୍କୁ ଦେଇଥିଲା । ସେ ସମୟର ସରକାର ଏହି କମିଶନଙ୍କ ସୁପାରୀଶକୁ ଗ୍ରହଣ କରିନଥିଲେ । ପୁଣି ଏହି ଧାରା ଅନୁସାରେ ୧୯୭୯ ମସିହାରେ ଜନତା ପାର୍ଟି ସରକାର ଶ୍ରୀ ବି.ପି. ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଏକ କମିଶନ ବସାଇ ଥିଲେ । ଯାହା ମଣ୍ଡଳ କମିଶନ ଭାବେ ପରିଚିତ । ଏହି କମିଶନ ୧୯୮୦ ମସିହାରେ ତାଙ୍କ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ଦେଇଥିଲା । ସେତେବେଳକୁ ଜନତା ପାର୍ଟି ସରକାର କ୍ଷମତାରୁ ବିଦାୟ ନେଇ ସାରିଥିଲା । ଏହି କମିଶନ ଏମାନଙ୍କ ପାଇଁ 'ଅନ୍ୟାନ୍ୟ ପଛୁଆ ବର୍ଗ'(ଓବିସି) ନାମର ବ୍ୟବହାର କରିଥିଲେ । ପରବର୍ତ୍ତି ସରକାର ଏହି କମିଶନର ରିପୋର୍ଟକୁ କର୍ଯ୍ୟକାରୀ କଲେ ନାହିଁ । ଏହି ରିପୋର୍ଟର ଆଂଶିକ କାର୍ଯ୍ୟକାରିତା ପାଇଁ ୧୯୯୦ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀ ଭି.ପି. ସିଂ ଘୋଷଣା କରିଥିଲେ ଓ ୧୯୯୨ ମସିହାରେ ସୁପ୍ରିମକୋର୍ଟଙ୍କ ରାୟ ପରେ ଚାକିରୀରେ ୨୭% ସଂରକ୍ଷଣ କାର୍ଯ୍ୟକାରୀ ହେଲା । ୨୦୦୬ ମସିହାରେ ତତକାଳୀନ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରୀ ଶ୍ରୀ ଅର୍ଜୁନ ସିଂ ଶିକ୍ଷାରେ ୨୭% ସଂରକ୍ଷଣ ସୁବିଧା ପ୍ରଦାନ କଲେ । ଏ ସମସ୍ତ ପଦକ୍ଷେପ ଧାରା ୩୪୦ ଅନୁଯାୟୀ ଗ୍ରହଣ କରା ଯାଇଛି । ବିଭିନ୍ନ ରାଜ୍ୟ ମଧ୍ୟ ଏହାର ଅନୁସରଣରେ ଓବିସିଙ୍କୁ ସଂରକ୍ଷଣ ସୁବିଧା ଦେବା ଆରମ୍ଭ କଲେ । ଦେଶରେ ଅର୍ଦ୍ଧେକରୁ ଅଧିକ ହେଉଛନ୍ତି ଓବିସିର ଲୋକ । ଏମାନଙ୍କ ବିକାଶ ଦେଶର ବିକାଶକୁ ବହୁଗୁଣିତ କରିବ । ଏକଥା ଆମ୍ବେଦକର ବୁଝି ଥିଲେ । ବହୁ ବିଳମ୍ବରେ ହେଲେ ବି ଏବେ କିଛି ନେତା ଏକଥାକୁ ବୁଝିବା ଆରମ୍ଭ କରିଛନ୍ତି । ଓବିସିଙ୍କ ସାମଗ୍ରୀକ ବିକାଶ ପାଇଁ ସମସ୍ତ କ୍ଷେତ୍ରରେ ସମାନୁପାତିକ ଭାଗୀଦାରୀ ଯେ ଅତ୍ୟନ୍ତ ଜରୁରୀ ତାହା ଏବେ ବୁଝୁଛନ୍ତି । ଏଥିପାଇଁ ସଂରକ୍ଷଣ ସୁବିଧା ପ୍ରାପ୍ତ ହେବା ଅନିବାର୍ଯ୍ୟ ବିଷୟ । ଏବେ କିଛି ସଚେତନ ସଂଗଠନ ଓ ବ୍ୟକ୍ତିବିଶେଷ ଓବିସିଙ୍କୁ ଏସଟି-ଏସସି ତୁଲ୍ୟ ରାଜନୀତି ସମେତ ସମସ୍ତ ସୋପାନରେ ସଂରକ୍ଷଣ ସୁବିଧା ପ୍ରଦାନ ପାଇଁ ଦାବୀ ଉଠାଉଛନ୍ତି । ଆଉ ଦଳେ ପାଦେ ଆଗେଇ ଯାଇ କହୁଛନ୍ତି ଦେଶରେ ଓବିସିଙ୍କ ସଂଖ୍ୟା ଯଦି ଶତକଡା ୫୨ ଭାଗ ତେବେ ଏମାନଙ୍କୁ ମଧ୍ୟ ଏସଟି ଓ ଏସସି ତୁଲ୍ୟ ସମସ୍ତ କ୍ଷେତ୍ରରେ ଜନସଂଖ୍ୟା ଅନୁଯାୟୀ ୫୨% ସଂରକ୍ଷଣ ସୁବିଧା ମିଳୁ । ଓଡିଶାରେ କେନ୍ଦ୍ର ଓବିସି ତାଲିକା ସହିତ ଆଉ କିଛି ଜାତିକୁ ମିଶାଇ ଏସଇବିସି ତାଲିକା ପ୍ରସ୍ତୁତ ହୋଇଛି । ରାଜ୍ୟରେ ଏମାନଙ୍କ ପାଇଁ ସଂରକ୍ଷଣ ହାର ଅତ୍ୟନ୍ତ ଦୁର୍ବଳ । ଚାକିରୀ କ୍ଷେତ୍ରରେ ମାତ୍ର ୧୧.୨୫% ସଂରକ୍ଷଣ ମିଳୁଥିଲା । ଏବେ ରାଜ୍ୟ ସରକାର ଏମାନଙ୍କ ପାଇଁ ସମସ୍ତ ଉଚ୍ଚ ଓ ବୈଷୟିକ ଶିକ୍ଷାରେ ୧୧.୨୫% ସଂରକ୍ଷଣ ଦେବେ ବୋଲି ଘୋଷଣା କରିଛନ୍ତି । ମଣ୍ଡଳ କମିଶନଙ୍କ ରିପୋର୍ଟ ମୁତାବକ ରାଜ୍ୟରେ ଏମାନେ ୨୭% ସଂରକ୍ଷଣ ନପାଇବା ପର୍ଯ୍ୟନ୍ତ ଏହା ପୂର୍ଣ୍ଣାଙ୍ଗ ନୁହେଁ ପରି ମନେହୁଏ । ଦେଶରେ ତଥା ରାଜ୍ୟରେ ଓବିସି ସମାଜ ଯେତେ ଜାଗ୍ରତ ହେବ ସେମାନଙ୍କ ଅଧିକାର ସେତେ ସୁନିଶ୍ଚିତ ହେବ ଓ ରାଷ୍ଟ୍ର ପ୍ରଗତିରେ ସେତେ ଭାଗୀଦାରୀ ହେବ । କେବେଳ ସଂରକ୍ଷଣ ସୁବିଧା ହାସଲ ତାଙ୍କ ଲକ୍ଷ୍ୟ ନହୋଇ ଏକ ସମତାଭିତିକ ସମାଜ ଗଠନ ତାଙ୍କ ଲକ୍ଷ୍ୟ ହେବା ଉଚିତ । ଏହାକୁ ବୁଝିବା ପାଇଁ ଆମ୍ବେଦକରଙ୍କ ଜୀବନ ଓ ସଂଗ୍ରାମକୁ ବୁଝିବାକୁ ହେବ । ଓବିସିମାନଙ୍କ ଉତାନ ଦିଗରେ ତାଙ୍କର ଯୋଗଦାନ ଓ ପଦକ୍ଷେପକୁ ସ୍ମରଣ କାରିବାକୁ ହେବ । ତାଙ୍କ ସ୍ୱପ୍ନର ଭାରତବର୍ଷ ଗଠନ ଦିଗରେ ନିଜର ଯୋଗଦାନକୁ ନିଶ୍ଚିତ କରିବାକୁ ହେବ ।

*ବାରିପଦା, ମୟୂରଭଞ୍ଜ, ମୋ. ୭୦୦୮୯୭୬୧୮୦୧*

## ସଧବା ସ୍ତ୍ରୀ ମାନଙ୍କ ମହାପର୍ବ

◆ ଦଶରଥ ହେମ୍ବ୍ରମ୍



ଉତ୍କଳୀୟସଂସ୍କୃତି ତଥା ପରମ୍ପରା ଅନୁସାରେସାବିତ୍ରୀ ଅମାବାସ୍ୟାବା ସାବିତ୍ରୀଓଷାହେଉଛିଓଡ଼ିଆସଧବାସ୍ତ୍ରୀଙ୍କ ପାଳିତ ଏକ ମୁଖ୍ୟଓଷା ।ଜ୍ୟେଷ୍ଠ ଅମାବାସ୍ୟା ଦିନ ଏହିସାବିତ୍ରୀଓଷା ପାଳନ କରାଯାଏ ।ସଧବାସ୍ତ୍ରୀମାନେ ଏହିଦିନ ଉପବାସକରନ୍ତି । ଅନ୍ନ ଗ୍ରହଣକରନ୍ତି ନାହିଁ । ପୂଜାଶେଷକରିବା ପରେସେମାନେ ଫଳାହାରକରନ୍ତି । ପୂଜାସରିବା ପରେସ୍ୱାମୀଙ୍କଠୁ ଆର୍ଶୀବାଦ ନେଇଓଷାବା ବ୍ରତଭାଙ୍ଗିଥାନ୍ତି । କିନ୍ତୁତା' ପୂର୍ବରୁସଧବାସ୍ତ୍ରୀ ମାନେ ଚଉଁରାମୂଳେବାଠାକୁରଘରେବ୍ରତୋତ୍ସବ ପାଳନ ସମୟରେ ସାବିତ୍ରୀଉପାଖ୍ୟାନ ପାଠକରନ୍ତି ।ସେମାନେ ସାବିତ୍ରୀଙ୍କ ପରି ଆଜୀବନ ସଧବାହେବାଏବଂ ନିଜ ପତିଦେବଙ୍କର ଦୀର୍ଘ ଆୟୁଷ ନିମନ୍ତେ ମଙ୍ଗଳମନାସିଏହିଓଷାକରିଥାନ୍ତି ।ଏହି ପୂଜାର ଆରାଧ୍ୟା ଦେବୀ ହେଉଛନ୍ତିମା' ସାବିତ୍ରୀ, ଯିଏକିବ୍ରହ୍ମାଙ୍କ ପତ୍ନୀ, ଗାୟତ୍ରୀ, ସୂର୍ଯ୍ୟାଧିଷ୍ଠାତ୍ରୀ ଦେବୀ । ସାବିତ୍ରୀସାଧ୍ୱୀମହିଳାଙ୍କର ଆଦର୍ଶ ଓ ପ୍ରତିମର୍ତୀ । ଦେବୀସାବିତ୍ରୀଙ୍କ ମାନବୀସାବିତ୍ରୀଙ୍କ ପ୍ରତି ଆଶୀର୍ବାଦ ଓ କରୁଣାକିପରି ସତ୍ୟବାନଙ୍କୁମୃତ୍ୟୁକବଳରୁଫେରାଇ ଆଣିଥିଲା, ତାହାକୁ ଆଧାରକରିମା' ସାବିତ୍ରୀଙ୍କୁ ମହିମାନ୍ୱିତକରାଯାଏ ।ସାବିତ୍ରୀ ଅମାବାସ୍ୟାବାସାବିତ୍ରୀଓଷା/ ବ୍ରତସହିତ ଅନେକ ପୁରାଣଜଡ଼ିତରହିଛି । ମଦ୍ର ଦେଶର ଅଶ୍ୱପତି ନାମରେଜଣେରାଜାରାଜତ୍ୱ ସମୟରେ ସାବିତ୍ରୀଦେବୀଙ୍କୁକନ୍ୟାରୂପେ ପାଇବା ପାଇଁ ଯଜ୍ଞର ଆୟୋଜନ କରିଥିଲେ । ଦେବୀସନ୍ତୁଷ୍ଟ ହୋଇ ରାଜାମାଗିଥିବାବର ଅନୁସାରେ ଏକ ଉ□ମକନ୍ୟାହେବାର ଆଶୀର୍ବାଦ ଦେଲେ କିନ୍ତୁରାଜାଙ୍କୁ ପୁତ୍ରସନ୍ତାନ ଲାଭକରିବାଯୋଗ ନ'ଥିବାସୂଚାଇ ଦେଇ ଦେବୀ ଅନ୍ତର୍ଦ୍ଧାନ ହୋଇଗଲେ । ଉପଯୁକ୍ତସମୟରେ ଦେବୀଙ୍କ କୃପାରୁ ଅଶ୍ୱପତିଙ୍କ ପତ୍ନୀଙ୍କକୋଳରେ କନ୍ୟାଟିଏଜାତହେଲା, ଯାହାଙ୍କ ନାମସାବିତ୍ରୀରଖାଗଲା ।ସାବିତ୍ରୀ (ଗାୟତ୍ରୀ)ଙ୍କୁଉପାସନାକରିତାଙ୍କ ଆଶୀର୍ବାଦରୁକନ୍ୟା ସନ୍ତାନଟିଏଲାଭହେବାରୁ ଅଶ୍ୱପତିରାଜାତାଙ୍କ ପୁତ୍ରୀଙ୍କର ନାମସାବିତ୍ରୀରଖିଥିଲେ । ସାବିତ୍ରୀକ୍ରମେଯୌବନରେ ପାଦ ଦେବାପରେ ପିତା ଅଶ୍ୱପତିଙ୍କ ଆଦେଶମତେ ନିଜଇଚ୍ଛାରେ ବରଖୋଜିବାକୁ ସମ୍ମତି ପ୍ରକାଶକରିଥିଲେ । ପରେସେତାଙ୍କ ସହଚରୀମାନଙ୍କସହ ପତି ଅନ୍ୱେଷଣାର୍ଥେ ଭ୍ରମଣକରିବାକୁବାହାରିଲେ ।



ସାବିତ୍ରୀଭ୍ରମଣକରୁକରୁ ଏକ ବନବାସୀଙ୍କୁ ଦେଖିଲେ । ସେବନବାସୀ ହେଉଛନ୍ତି ସତ୍ୟବାନ ।ବଣରେ ଫଳମୂଳଖାଇମୁନିବୃତି ଅବଲମ୍ବନ କରିଭକ୍ତିସହକାରେତାଙ୍କ ପିତାମାତାଙ୍କର ସେବାକରୁଥିଲେ । ସତ୍ୟବାନଙ୍କ ଅସୀମ ପିତୃଭକ୍ତି, ଧର୍ମପରାୟଣାତା ଓ ରୂପରେମୁଗ୍ଧହୋଇ ଐଶ୍ୱର୍ଯ୍ୟଭୋଗ ଲାଳସାତ୍ୟାଗକରିତାଙ୍କସଙ୍ଗରେଜୀବନଯାପନ କରିବା ପାଇଁସଂକଳ୍ପ କରିନେଲେ । ସତ୍ୟବାନଙ୍କୁ ପତିରୂପେ ମନୋନୀତ କରିରାଜଧାନୀକୁଫେରି ପିତାଙ୍କୁଜଣାଇଥିଲେ ।କିନ୍ତୁରାଜା ଅଶ୍ୱପତିଏହି ପ୍ରସ୍ତାବରେରାଜି ନଥିଲେ, କାରଣଭବିଷ୍ୟବାଣୀ ଅନୁସାରେସତ୍ୟବାନଙ୍କ ପରମାୟୁମାତ୍ର ଏକ ବର୍ଷ ।ତେଣୁ ନିଜମତ ବଦଳାଇବାକୁ ସାବିତ୍ରୀଙ୍କୁ ଅନୁରୋଧ କରିଥିଲେ ।ସାବିତ୍ରୀ ଏ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ନିଜ ନିଷ୍ପତିରେ ଅଟଳରହିବାରୁ ସତ୍ୟବାନଙ୍କସହିତ ଯଥାରୀତିବିବାହସମ୍ପନ୍ନ ହୋଇଥିଲା । ପିତୃଗୃହରରାଜ ସମ୍ପଦ, ବିଳାସ ଓ ଦାସଦାସୀବର୍ଗଙ୍କୁତ୍ୟାଗ କରିସାବିତ୍ରୀତାଙ୍କ ସ୍ୱାମୀଙ୍କ ସହିତ ତପୋବନରକୁଟୀରରେରହିଶାଶୁ ଓ ଶ୍ୱଶୁରଙ୍କସେବା କରିବାରେଲାଗିଲେ । ବିବାହର ଏକ ବର୍ଷ ପୂରିବାକୁତିନି ଦିନ ପୂର୍ବରୁସାବିତ୍ରୀତ୍ରିରାତ୍ର-ଓଷାକଲେ ।ଯେଉଁଦିନ ଏକ ବର୍ଷ ପୂର୍ଣ୍ଣହେବସେହିଦିନ ତାଙ୍କସ୍ୱାମୀଙ୍କର ପରମାୟୁଶେଷହେବ । ସତ୍ୟବାନଙ୍କମୃତ୍ୟୁ ଦିନ ଅର୍ଥାତଶେଷ ଦିନ ସତ୍ୟବାନ ସହିତସାବିତ୍ରୀ ମଧ୍ୟ ଫଳମୂଳ ଓ ସମିଧ ସଂଗ୍ରହକରିବାକୁ ବଣକୁଗଲେ । ବଣରେସତ୍ୟବାନ ଅଶ୍ୱସ୍ତିବୋଧ କରିବାରୁସାବିତ୍ରୀଙ୍କକୋଳରେମୁଣ୍ଡରଖି ନିଦ୍ରାଗଲେ । ତାହାହିଁସତ୍ୟବାନଙ୍କରମହାନିଦ୍ରା ଅର୍ଥାତମୃତ୍ୟୁ ଥିଲା । ସାବିତ୍ରୀ ନିଜମୃତସ୍ୱାମୀଙ୍କମସ୍ତକକୁ ନିଜକୋଳରେ ରଖିସେହିଠାରେ ବସିରହିଲେ । ରାଜା ଦ୍ୟୁମୋତସେନଙ୍କର ପୁତ୍ରସତ୍ୟବାନଙ୍କର ପତ୍ନୀସାବିତ୍ରୀଙ୍କରଏକାଗ୍ରତା, ପବିତ୍ରତା, ଧର୍ମ ଆଗରେହାର୍‌ମାନି ଯାଇଥିଲେ ଯମରାଜା ।ସାବିତ୍ରୀଙ୍କର ପତିଭକ୍ତି ଓ ସ୍ତୁତିପାଠରେ ଯମରାଜ ସନ୍ତୁଷ୍ଟହୋଇସତ୍ୟବାନଙ୍କୁ ପୁନଃଜୀବିତକରାଇ ଆୟୁଦାନ କଲେ । ଏହିଦିନ ଥିଲାଜ୍ୟେଷ୍ଠ ଅମାବାସ୍ୟା ।ତେଣୁ ପ୍ରତ୍ୟକସଧବାସ୍ତ୍ରୀମାନେ ଏହିଦିନ ସାବିତ୍ରୀଙ୍କ ନିକଟରେ ନିଷ୍ଠାରସହ ପୂଜାର୍ଚ୍ଚନା କରିଥାନ୍ତି ।ପୌରାଣିକ କଥାକୁମନେ ପକାଇ ସଧବାସ୍ତ୍ରୀମାନେ ସ୍ୱାମୀଙ୍କ ଦୀର୍ଘାୟୁ ଓ ଉ□ମସ୍ୱାସ୍ଥ୍ୟକାମନା ପାଇଁଏହିଓଷା ପ୍ରତିବର୍ଷ ପାଳନ କରିନ୍ତି । ସଧବାସ୍ତ୍ରୀ ମାନଙ୍କ ପାଇଁସବୁଠାରୁବଡ଼ ପର୍ବହେଉଛି ସାବିତ୍ରୀଓଷା । ସ୍ୱାମୀଙ୍କମଙ୍ଗଳ ଓ ଦୀର୍ଘାୟୁକାମନା ପାଇଁମହାସତୀସାବିତ୍ରୀଙ୍କ ପତିଭକ୍ତିକୁମନେ ପକାଇ ପୂଜାର୍ଚ୍ଚନା କରିଥାନ୍ତି ।ଏହି ପବିତ୍ର ଦିନରେ କେହିକେହି ମନ୍ଦିରକୁ ଯାଇ ପୂଜାର୍ଚ୍ଚନାକରନ୍ତି ତ ପୁଣି ଅନ୍ୟମାନେ ଘରକୁ ପୂଜକଙ୍କୁଡକାଇ ପୂଜାକରନ୍ତି । ସକାଳ ହେଉହେଉ ସଧବାସ୍ତ୍ରୀ ମାନେ ମଥାରେସିନ୍ଦୂର, ହାତରେ ନୂଆଚୁଡ଼ି, ରଙ୍ଗବେରଙ୍ଗ ଶାଢ଼ିରେସଜେଇ ସ୍ୱାମୀଙ୍କର ଦୀର୍ଘ ଆୟୁଷକାମନା କରିସାବିତ୍ରୀବ୍ରତକୁ ନିଷ୍ଠାରସହ ପାଳନ କରିଥାନ୍ତି । ବିଶ୍ୱାସକରାଯାଏ, ଜ୍ୟେଷ୍ଠ ଅମାବାସ୍ୟା ଦିନ ଯିଏସାବିତ୍ରୀଙ୍କ ନାମସ୍ମରଣ କରିବ୍ରତକରିବ, ସେଜନ୍ମେଜନ୍ମେ ସଧବାରହିବ । ପତିପରାୟଣା ଓ ପୁତ୍ରବତୀହୋଇ ଅନ୍ତିମକାଳରେ ବୈକୁଣ୍ଠପୁରକୁ ଯିବ । ପୁଣିକୁହାଯାଏ, ଜ୍ୟେଷ୍ଠ ଅମାବାସ୍ୟା ଦିନ ଉପବାସ ଓ ଉପାସନାକରିଲେ ପିତୃଦୋଷରୁମୁକ୍ତିମିଳିଥାଏ ।

*ବାଲେଶ୍ୱର, ମୋ-୯୩୩୭୪୦୪୨୫୪*

# ନିର୍ମାଣାଧୀନ ପ୍ରକଳ୍ପର ସମୀକ୍ଷା କଲେ ଏଡିଆରଏମ୍



ବେତନଟୀ(ନିପ୍ର): ଦକ୍ଷିଣ-ପୂର୍ବ ରେଳପଥ ଖଡ଼ଗପୁର ଡିଭିଜନର ଏଡିଆରଏମ୍ ସଞ୍ଜୀବ କୁମାର ସିହ୍ନା ଗୁରୁବାର ସ୍ୱତନ୍ତ୍ର ଟ୍ରେନଯୋଗେ ବାରିପଦା ଗସ୍ତରେ ଆସି ବେତନଟୀ ରେଳ ଷ୍ଟେସନରେ ନିର୍ମାଣାଧୀନ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର ସ୍ଥିତି ସମୀକ୍ଷା କରିଛନ୍ତି । ଅମୃତ ଭାରତ ଯୋଜନା ଅନ୍ତର୍ଗତ ବେତନଟୀ ଷ୍ଟେସନର ବ୍ୟାପକ ଉନ୍ନୟନ କାର୍ଯ୍ୟ ଚାଲୁ ଥିବାରୁ ଏଡିଆରଏମ୍ ସିହ୍ନା ଏଠାରେ ଦୀର୍ଘ ସମୟ ଧରି ତଦାରଖ କରିଥିଲେ । ସେ ପ୍ରଥମେ ଚୂଡ଼ାନ୍ତ ପର୍ଯ୍ୟାୟରେ ଥିବା ଅଣ୍ଡରପାସ୍ ନିର୍ମାଣ କାର୍ଯ୍ୟ ପରିଦର୍ଶନ କରିବା ସହ ସଂଯୋଗକାରୀ ଉଭୟ ପ୍ଲାଟଫର୍ମ ରାସ୍ତାର ସ୍ଥିତି ଯାଂଚ କରିଥିଲେ । ଏହାପରେ ସୁଉଚ୍ଚ ବିଲ୍ଡିଂ ନିର୍ମାଣ କାର୍ଯ୍ୟ ପରିଦର୍ଶନ କରିଥିଲେ, ଯେଉଁଥିରେ ରଙ୍ଗ ଓ ସାଜସଜ୍ଜା କାମ ଜାରି ରହିଛି । ଏଡିଆରଏମ୍ ଷ୍ଟେସନ ମାଷ୍ଟରଙ୍କ ସହ ଆଲୋଚନା କରିବା ସହ ନିର୍ମାଣ ଦାୟିତ୍ୱରେ ଥିବା ଇଞ୍ଜିନିୟର ମାନଙ୍କ ସହ ମଧ ବିସ୍ତୃତ ଆଲୋଚନା କରିଥିଲେ । ଏହି ଗସ୍ତ ସମୟରେ ଏଡିଆରଏମ୍ ୧ ନମ୍ବର ପ୍ଲାଟଫର୍ମରେ ଥିବା 'ଏକ ଷ୍ଟେସନ୍ ଏକ ଉତ୍ପାଦ' ଷ୍ଟଲ୍ ପରିଦର୍ଶନ କରିଥିଲେ । ନିର୍ମାଣ, ସିଗ୍ନାଲ, ଇଲେକ୍ଟ୍ରିକାଲ୍ ଓ ଲାଇନ୍ ଡିପାର୍ଟମେ[ର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ଆରପିଏଫ୍ ଅଧିକାରୀ ରମାକାନ୍ତ ଓଝା ସମେତ ଅନ୍ୟାନ୍ୟ ଅଧିକାରୀମାନେ ମଧ ସେଠାରେ ଉପସ୍ଥିତ ଥିଲେ । ଏଡିଆରଏମ୍ ସଞ୍ଜୀବ କୁମାର ସିହ୍ନାଙ୍କ ଏହି ଗସ୍ତ ବେତନଟୀ ଷ୍ଟେସନର ଆଧୁନିକୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି । କୋଟି କୋଟି ଟଙ୍କାର ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଯାତ୍ରୀଙ୍କ ସୁବିଧା ବହୁଗୁଣ ବୃଦ୍ଧି ପାଇବ ଏବଂ ଷ୍ଟେସନ୍ ?ଟି ଆକର୍ଷଣୀୟ ଓ ଆଧୁନିକ ରୂପ ଧାରଣ କରିବ । ଗସ୍ତ ଶେଷରେ ଏଡିଆରଏମ୍ ସ୍ୱତନ୍ତ୍ର ଟ୍ରେନଯୋଗେ ବାରିପଦା ଅଭିମୁଖେ ଯାତ୍ରା କରିଥିଲେ ।

# ରାଜ୍ୟ ଶିକ୍ଷକ ସଂଗଠନ ଓଲଷ୍ଟାର ରାଜ୍ୟ ସମିଳନୀ ପାଇଁ ପ୍ରସ୍ତୁତି ବୈଠକ

ନୟାଗଡ଼(ନିପ୍ର): ନିଖିଳ ଉତ୍କଳ ନିମ୍ନ ମାଧମିକ ଶିକ୍ଷକ ସଂଘ(ଓଲଷ୍ଟା), କଟକର ୩୨ ତମ ରାଜ୍ୟସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ ଓ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ୩୭ ତମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ଆସନ୍ତା ୫ ଓ ୬ ତାରିଖ ଦୁଇଦିନ ଧରି 'ପଠାଣି ସାମନ୍ତ ସଂସ୍କୃତି ଭବନ' ନୟାଗଡ଼ଠାରେ ଅନୁଷ୍ଠିତ ହେବ । ଏଥିରେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ କାର୍ଯ୍ୟରତ ପ୍ରାୟ ୧ ହଜାରରୁ ୧୨ଶହ ଶିକ୍ଷକ ପ୍ରତିନିଧି ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି । ଏହି ବିଶାଳ କାର୍ଯ୍ୟକ୍ରମର ସଫଳତା ନେଇ ଏହାର ପ୍ରଥମ ପ୍ରସ୍ତୁତି ବୈଠକ ସଂଘର ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନାଙ୍କ ଅଧକ୍ଷତାରେ ନୟାଗଡ଼ ଉପକଣ୍ଠ ସିନ୍ଦୁରିଆ ଉଚ୍ଚ ବିଦ୍ୟାଳୟ ଠାରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ବୈଠକର ନିଷ୍ପତି ଅନୁଯାଇ ଆଗାମୀ ସାମ୍ବିଧାନିକ ସମ୍ମିଳନୀ ଅବସରରେ ଏକ ଶିକ୍ଷା ସେମିନାର ଅନୁଷ୍ଠିତ ହେବ । ଏଥିରେ ସାଧାରଣ ଶିକ୍ଷା ବ୍ୟବସ୍ଥା, ଓଡ଼ିଶାରେ ପ୍ରାଥମିକ ଶିକ୍ଷାର ସ୍ଥିତି, ଶିକ୍ଷା ଅଧିକାର ଆଇନ, ଶିକ୍ଷା ସମସ୍ୟା, ଶିକ୍ଷକ ଆନ୍ଦୋଳନ, ଶିକ୍ଷା ଅଧିକାର ଓ ଗଣତାନ୍ତ୍ରିକ ଆନ୍ଦୋଳନ ଶିକ୍ଷା ଓ ସମ୍ବିଧାନ, ଶିଶୁ ଅଧିକାର ଓ ସାମ୍ପ୍ରତିକ ସମୟରେ ଶିକ୍ଷାର ବିକାଶ ଆଦି ସମ୍ପର୍କରେ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଅବସରରେ ଓଲଷ୍ଟା ସଂଗଠନର ମୁଖପତ୍ର 'ଶିକ୍ଷକ ଦର୍ପଣ'ର ଏକ 'ସମିଳନୀ ବିଶେଷାଙ୍କ' ପ୍ରକାଶିତ ହେବ । ଏହା ସହିତ ଏହି ଦୁଇଦିନିଆ ସମିଳନୀରେ ଯୋଗଦାନ କରିବାକୁ ଥିବା ସମସ୍ତ ଶିକ୍ଷକ ପ୍ରତିନିଧି ମାନଙ୍କର ରହିବା ଏବଂ ଖାଇବାର ସୁବନ୍ଦୋବସ୍ତ ଉପରେ ବ୍ୟାପକ ଆଲୋଚନା କରାଯାଇ ଥିଲା । ଏହି ପ୍ରସ୍ତୁତି ବୈଠକରେ ଓଲଷ୍ଟା ଶିକ୍ଷକ ସଂଗଠନ, କଟକର ଅନ୍ୟତମ ଉପଦେଷ୍ଟା ଅମର ବିଳାସ ବେହେରା, ରାଜକୁମାର ସାହୁ, ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା, ଯୁଗ୍ମ ସାଧାରଣ ସମ୍ପାଦକ ସୁଦର୍ଶନ ସ୍ୱାଇଁ, କୋଷାଧକ୍ଷ ଯୁଧିଷ୍ଠିର ପ୍ରଧାନ, ଯୁଗ୍ମ ସମ୍ପାଦକ କବିରାଜ ବିଶ୍ୱାଳ, ଓଲଷ୍ଟା, ନୟାଗଡ଼ ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ସାମନ୍ତରାୟ, ସହ ସମ୍ପାଦକ ନୀଳାଦ୍ରି ବିହାରୀ ସୁବୁଦ୍ଧି ତଥା ପୂର୍ବତନ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ଶେଖ ଅବଦୁଲ ଖାଲିକ, ଲକ୍ଷ୍ମୀଧର ସାହୁ ଏବଂ ସାମାଜିକ କର୍ମୀ ପବିତ୍ର କୁମାର ଇନ୍ଦ୍ରଜିତ ପ୍ରମୁଖ ଯୋଗଦାନ କରି ଆଗାମୀ ଶିକ୍ଷକ ସମ୍ମିଳନୀକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ । ଆସନ୍ତା ୨୭ ତାରିଖରେ ପୁନର୍ବାର ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତି କରିବା ପାଇଁ ନିଷ୍ପତି ଗ୍ରହଣ ହୋଇଥିଲା । ଶେଷରେ ଯୁଗ୍ମ ସମ୍ପାଦକ କବିରାଜ ବିଶ୍ୱାଳ ପ୍ରସ୍ତୁତି ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଅଙ୍ଗଦାତାଙ୍କ ଅନ୍ତିମ ସଂସ୍କାରରେ ଉପସ୍ଥିତ ହେଲେ ପ୍ରଶାସନର ବରିଷ୍ଠ ଅଧିକାରୀ

ଯାଜପୁର(ନିପ୍ର): ଯାଜପୁର ଜିଲ୍ଲାର ସୁକିନ୍ଦା ବ୍ଲକ ଅନ୍ତର୍ଗତ ବେଲୋହାରି ଗ୍ରାମର ସ୍ୱର୍ଗତ ବାଲି ଜାମୁଦାଙ୍କ ବ୍ରେନ୍ ଡେଡ୍ ବା ମସ୍ତିଷ୍କ ମୃତ୍ୟୁ ପରେ ତାଙ୍କ ପରିବାର ପକ୍ଷରୁ ଅଙ୍ଗଦାନ କରି ମାନବତାର ଏକ ଉତ୍କୃଷ୍ଟ ଉଦାହରଣ ସୃଷ୍ଟି କରିଛନ୍ତି । ତାଙ୍କର ଏହି ମହାନ ଦାନ ଅନେକ ଜୀବନକୁ ନୂଆ ଆଶା ଦେଇଥିବା ବେଳେ ସେ ଚିରଦିନ ପାଇଁ ସମସ୍ତଙ୍କ ହୃଦୟରେ ଅମର ହୋଇ ରହିବେ । ତାଙ୍କର ଏଭଳି ମହତ କାମକୁ ସମ୍ମାନ ଜଣାଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱର୍ଗତ ବାଲି ଜାମୁଦାଙ୍କ ଶେଷକୃତ୍ୟ ନିଜ ଗାଁ ମଶାଣିରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ସମ୍ପନ୍ନ କରାଯାଇ ଥିଲା । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ (କଳିଙ୍ଗ ନଗର) ସପନ କୁମାର ନନ୍ଦ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, କଳିଙ୍ଗନଗର ଥାନା ଅଧିକାରୀ, ଅତିରିକ୍ତ ତହସିଲଦାର ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ସ୍ୱର୍ଗତ ବାଲି ଜାମୁଦାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ପରିବାର ବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ କରିଥିଲେ । ସ୍ୱର୍ଗତ ବାଲି ଜାମୁଦାଙ୍କ ଏହି ଅଙ୍ଗଦାନ ସମାଜରେ ମାନବତା, ସହାନୁଭୂତି ଓ ପରୋପକାରର ଏକ ଉଜ୍ଜ୍ୱଳ ବାର୍ତ୍ତା ପ୍ରସାର କରିଥିବାବେଳେ ଆଗାମୀ ପିଢ଼ୀ ପାଇଁ ଏକ ପ୍ରେରଣାର ସ୍ତମ୍ଭ ହୋଇ ରହିବ ।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ



ଜଗତସିଂହପୁର(ନିପ୍ର): ପୂର୍ବାହ୍ନରେ ଜିଲ୍ଲାପାଳ ଙ୍କ କାର୍ଯ୍ୟଳୟର ସଭାବନା ସଭାଗୃହରେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଅଛି । ବୈଠକରେ ଯୋଗ ଦେଇ ମାନ୍ୟବର ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ସମ୍ପଦ ଚନ୍ଦ୍ର ସ୍ୱାଇଁ ପାରାଦ୍ୱୀପ ଗଡ଼ ରେ ସୃଷ୍ଟି ହେଉଥିବା କୃତ୍ରିମ ବନ୍ୟା କୁ ରୋକିବା ଦିଗରେ ଡ୍ରେନେଜ ଓ ଇରିଗେସନ ବିଭାଗ କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ରେ ବିଶେଷ କରି ସମୁଦ୍ର କୁଳିଆ ଅଂଚଳ ରେ ବାତ୍ୟା ବା ବନ୍ୟା ସମୟରେ ଇଭାକୁଏସନ୍ କାର୍ଯ୍ୟ ତ୍ୱରାନ୍ୱିତ ଓ ସଠିକ୍ ଭାବେ କରିବା ଦିଗରେ ଗୁରୁତ୍ୱ ଦେଇଥିଲେ । ଜିଲ୍ଲା ରେ ୨୪ଘଂଟିଆ କଂଟ୍ରୋଲ ରୁମ୍ ଦାୟିତ୍ୱ ରେ ଥିବା ଅଧିକାରୀ ମାନେ ଫୋନ ମାଧମ ରେ ଉପସ୍ଥିତ ରହି ଆବଶ୍ୟକ ପଦକ୍ଷେପ ନେବା ପାଇଁ ସେ ପରାମର୍ଶ ଦେଇଥିଲେ । ଏଥି ସହିତ ଅଘୋଷିତ ବିଦ୍ୟୁତ୍ କାଟ କୁ ରୋକିବା, ସି ଏଚ୍ ସି, ପି ଏଚ ସି ତଥା ମୁଖ୍ୟ ଚିକିତ୍ସାଳୟ ରେ ସାପ କାମୁଡ଼ା ଔଷଧ ସହ ଅନ୍ୟାନ୍ୟ ଆବଶ୍ୟକୀୟ ଔଷଧ ମହଜୁଦ ରଖିବାକୁ ପରାମର୍ଶ ଦେଇଥିଲେ । ହଲଦିପାଣି କ୍ରିକ୍ କୁ ନଦୀ ରେ ମିଶାଇବା ପାଇଁ ଆର ଡି, ଆର ଆଣ୍ଡ ବି, ଆର ଡବ୍ଲୁଏସ ଏସ, ଇରିଗେଶନ୍ ବିଭାଗ କୁ ପରସ୍ପର ସମନ୍ୱୟ ରେ କାର୍ଯ୍ୟ କରିବାକୁ ଉପଦେଶ ଦେଇ ଥିଲେ । ଉପସ୍ଥିତ ରହି ଜଗତସିଂପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଶ୍ରୀ ଅମରେନ୍ଦ୍ର ଦାସ ଜିଲ୍ଲାରେ ଥିବା ଡ୍ରେନେଜ୍ ଗୁଡ଼ିକ ବର୍ଷା ଦିନ ପୂର୍ବରୁ ସଫା କରାଗଲେ ବନ୍ୟାଜଳ ଦ୍ୱାରା ଚାଷ ଜମି କ୍ଷତିଗ୍ରସ୍ତ ହେବ ନାହିଁ ବୋଲି ପରାମର୍ଶ ଦେଇଥିଲେ । ନାଗପୁର ଡ୍ରେନେଜ, ଡିହସାହି ଠାରେ ଏବଂ ଜାମୁଗାଁ ଡାବର ଜଳ ନିଷ୍କାସନ, ଅଳକା ନଦୀ ସଠଳ, କଦୁଅପଡା ମହିଳା କଲେଜ ନିକଟ, ଗୋବରୀ ନଦୀ ଡ୍ରେନେଜ୍ ସଫା ଓ ଗେଟ ମରାମତି କରିବାକୁ ଡ୍ରେନେଜକୁ ପରାମର୍ଶ ଦେଇଥିଲେ । ବୀରବରପାଟଣା ଓ ରମ୍ଭାଦେଇପୁର, ଗଳଧାରୀ ଏରଡ଼ା ଠାରେ ନଦୀବନ୍ଧରୁ ମାଟି ଓ ବାଲି ତାଡିନେଉଥିବାରୁ ନଦୀବନ୍ଧ ବିପଦ ସଂକୁଳ ରହୁଛି, ତାହାର ତୁରନ୍ତ ମରାମତି ଦରକାର । ଜଗତସିଂହପୁର ପୌରାଂଚଳ ରେ ଜୟବଡ ମୁଖ୍ୟ ରାସ୍ତା, ୩, ୪, ୭ ଓ ୮ ନମ୍ବର ୱାର୍ଡ ବର୍ଷାରେ ଜଳମଗ୍ନ ହୋଇଯାଏ ତେଣୁ ଏହା ଉପରେ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାଇରିଆ ରୋଗୀ ଙ୍କ ପାଇଁ ବେଡ୍ ବଢ଼ାଇବାକୁ ପ୍ରସ୍ତାବ ଦେଇଥିଲେ । ବାଲିକୁଦା ଏରସମା ବିଧାୟକ ଶ୍ରୀ ସାରଦା ପ୍ରସନ୍ନ ଜେନା କହିଲେ ବିପଦ ସଙ୍କୁଳ ଅବସ୍ଥା ରେ ଥିବା ଆଶ୍ରୟସ୍ଥଳୀ ଗୁଡକ ଭାଙ୍ଗି ନୂତନ ଆଶ୍ରୟସ୍ଥଳୀ ଗଠନ କରିବା, କୁଜଙ୍ଗ, ବାଲିକୁଦା ଓ ନାଉଗାଁ ର ୧୧ ଟି ଆଶ୍ରୟସ୍ଥଳୀ ନିମନ୍ତେ ଜାଗା ଚିହ୍ନଟ ହୋଇଥିଲେ ମଧ ଏପର୍ଯ୍ୟନ୍ତ ହୋଇପାରିନାହିଁ ।

# ଚିରନ୍ତନ ବାଡ଼ି ବଗିଚା ସଚେତନତା କାର୍ଯ୍ୟକ୍ରମ କୋମନା ପଂଚାୟତ ସମିତି ସମ୍ମିଳନୀ



ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମ୍ମିଳନୀ କକ୍ଷ ଠାରେ ଇକ୍ରିସେଟ, ହାଇଦ୍ରାବାଦ ଦ୍ୱାରା ଚିରନ୍ତନ ବାଡି ବଗିଚା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବିତ୍ର କୁମାର ସାମଲ ଯୋଗଦାନ କରିଥିଲେ । ସଚେତନତା କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ ପ୍ରଶାନ୍ତ ବାଗ, ଉଦ୍ୟାନ କୃଷି ଅଧିକାରୀ ଆରାଧନା ଶବର, ଇକ୍ରିସେଟ ବୈଜ୍ଞାନିକ ଡ. କବିତା କସାଲ ଓ ଓଡ଼ିଶା ମରୁଡି ପ୍ରତିକାର ଯୋଜନା ପ୍ରମୁଖ ରାମ ବିକାଶ ବର୍ମା ତଥା ମିଶନ ଶକ୍ତି ର ୦୫ ଟି ଗ୍ରାମ ପଂଚାୟତ ର ସମସ୍ତ ସି ଆର ପି ଓ ଏମ ବି କେ ମାନେ ଉପସ୍ଥିତ ରହିଥିଲେ । ସଚେତନତା କାର୍ଯ୍ୟକ୍ରମ ରେ କୋମନା ବ୍ଲକର ୫ଟି ଗ୍ରାମପଂଚାୟତ ର ୧୭ ଟି ଗ୍ରାମ ରେ କିପରି ଘରବାଡ଼ି ପଛପଟ ଅଦରକାରୀ ଜମିର ସଦୁପଯୋଗ କରି ଚିରନ୍ତନ ବାଡି ବଗିଚା କରାଯାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ପୃଷ୍ଟି କର ପନିପରିବା ପାଇ ପାରିବେ ତା ଉପରେ ଆଲୋଚନା କରାଯାଇଥିଲା ଏବଂ ଯୋଜନା ତରଫ ରୁ ହିତାଧିକରୀମାନଙ୍କୁ କଣ ସବୁ ସୁବିଧା ଦିଆ ଯାଇ ପାରିବ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା ।

# କାଗଜପତ୍ରରେ ଗାଁ କଲ୍ୟାଣ ସମିତି : ମିଥ୍ୟା ବିଲ୍ ଓ ଫଟୋରେ ଅନୁଦାନ ହରିଲୁଟ୍

ଧାମନଗର(ନିପ୍ର) : ସରକାରୀ ଅନୁଦାନକୁ ହଡ଼ପ କରିବା ପାଇଁ ମିଥ୍ୟା ବିଲ୍ ଏବଂ ଫଟୋ ସର୍ବସ୍ୱ କାର୍ଯ୍ୟକ୍ରମ ଏବେ ଧାମନଗର ବ୍ଲକରେ ଚର୍ଚ୍ଚାର ବିଷୟ ପାଲଟିଛି । ଗ୍ରାମାଂଚଳରେ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଗଠିତ 'ଗାଁ କଲ୍ୟାଣ ସମିତି' ଏବଂ 'ରୋଗୀ କଲ୍ୟାଣ ସମିତି' ନିଜର ଲକ୍ଷ୍ୟ ପୂରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ୱାର୍ଡ ମେମ୍ବର, ଅଙ୍ଗନବାଡ଼ି କର୍ମୀ ଏବଂ ଆଶା କର୍ମୀଙ୍କ ମଧ୍ୟରେ ଲାଗି ରହିଥିବା ଅନ୍ତଃକନ୍ଦଳ ଓ ସମନ୍ୱୟର ଅଭାବ ଯୋଗୁଁ ସରକାରୀ ଯୋଜନା ବାଟବଣା ହେଉଥିବା ବେଳେ ସାଧାରଣ ଲୋକେ ସର୍ବନିମ୍ନ ସ୍ୱାସ୍ଥ୍ୟ ସେବାରୁ ବଂଚିତ ହେଉଛନ୍ତି । ଅଭିଯୋଗ ହେଉଛି ଯେ, ବ୍ଲକର ଅଧିକାଂଶ ଗାଁ କଲ୍ୟାଣ ସମିତିରେ କୌଣସି ବାସ୍ତବ କାର୍ଯ୍ୟ ହେଉନାହିଁ । କେବଳ କେତୋଟି ସ୍ଥାନରେ ଫଟୋ ଉଠାଇ ଏବଂ ନକଲି କାଗଜପତ୍ର ପ୍ରସ୍ତୁତ କରି ବାର୍ଷିକ ୧୦,୦୦୦ ଟଙ୍କାର ଅନୁଦାନ ହରିଲୁଟ୍ କରାଯାଉଛି । ଧାମନଗର ବ୍ଲକର ୩୧୬ଟି ସମିତି ପାଇଁ ଆସିଥିବା ପ୍ରାୟ ୩୧ ଲକ୍ଷ ଟଙ୍କା କେଉଁ କାମରେ ଲାଗୁଛି, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗାଁର ନାଳନର୍ଦ୍ଦମା ସଫା କିମ୍ବା ବ୍ଲିଚିଂ ପାଉଡର ପକାଇବା ପାଇଁ ଉଦ୍ଦିଷ୍ଟ ଅର୍ଥକୁ କେବଳ ଚା' ଜଳଖିଆ ଏବଂ ମିଥ୍ୟା ବୈଠକ ଦର୍ଶାଇ ଖର୍ଚ୍ଚ କରାଯାଉଛି । ସମିତିର ତିନି ମୁଖ୍ୟ ସ୍ତମ୍ଭ ସଭାପତି (ୱାର୍ଡ ମେମ୍ବର), ସମ୍ପାଦିକା (ଅଙ୍ଗନବାଡ଼ି କର୍ମୀ) ଏବଂ ସମନ୍ୱୟକାରୀ (ଆଶା କର୍ମୀ)ଙ୍କ ମଧ୍ୟରେ ଅଧିକାର ଓ ଅର୍ଥ ଖର୍ଚ୍ଚକୁ ନେଇ ବିବାଦ ତୀବ୍ର ହୋଇଛି । ଅନେକ ସ୍ଥାନରେ ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କ ମଧ୍ୟରେ ପଡୁ ନଥିବାରୁ ବୈଠକ ବସି ପାରୁନାହିଁ । ଏପରିକି ୱାର୍ଡ ମେମ୍ବର ଙ୍କ ଅଜାଣତରେ ବିଲ୍ ପାସ୍ କରାଯାଉଥିବା ବେଳେ କେଉଁଠି ୱାର୍ଡ ମେମ୍ବର ମାନେ ଅନୁଦାନ ଅର୍ଥ ଉପରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଚେଷ୍ଟା କରୁଛନ୍ତି । ଏହି ତ୍ରିକୋଣୀୟ ଲଢ଼େଇ ଯୋଗୁଁ ଗାଁର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି । ସେହିପରି ଡାକ୍ତରଖାନା ଗୁଡ଼ିକରେ ରୋଗୀଙ୍କ ସୁବିଧା ପାଇଁ କାର୍ଯ୍ୟ କରୁଥିବା 'ରୋଗୀ କଲ୍ୟାଣ ସମିତି' ମଧ ନାମକୁ ମାତ୍ର ଚାଲିଛି । ଡାକ୍ତରଖାନାର ଭିତିଭୂମି ବିକାଶ, ବିଶୁଦ୍ଧ ପାନୀୟ ଜଳ ଏବଂ ସଫେଇ ପାଇଁ ଲକ୍ଷ ଲକ୍ଷ ଟଙ୍କାର କର୍ପସ ଫଣ୍ଡ ରହିଥିଲେ ମଧ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଫ୍ୟାନ ମରାମତି ଠାରୁ ଆରମ୍ଭ କରି ବେଡସିଟ ବଦଳାଇବା ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ସଠିକ୍ ସମୟରେ ହେଉନାହିଁ । ଅପରିଷ୍କାର ପରିବେଶ ଓ ଔଷଧର ଅଭାବ ଏହି ସମିତିର ବିଫଳତାକୁ ପଦାରେ ପକାଇଛି । ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ମନ୍ମଥ ସାମନ୍ତସିଂହାର ଏହି ସମସ୍ୟା ଉପରେ ତଦନ୍ତ କରିବେ ବୋଲି କହୁଥିଲେ ମଧ ବାସ୍ତବରେ କୌଣସି ସମିତି ବିରୋଧରେ ଦୃଢ଼ ପଦକ୍ଷେପ ନିଆଯାଇ ନାହିଁ । ଯଦି ତୁରନ୍ତ ଏହି ମିଥ୍ୟା ବିଲ୍ ? କାରବାରର ଅଡିଟ କରାଯାଏ ଏବଂ ନିଷ୍କ୍ରିୟ ସମିତି ଗୁଡ଼ିକୁ ଭଙ୍ଗ କରାଯାଏ, ତେବେ ହିଁ ସରକାରୀ ଅର୍ଥର ସଠିକ୍ ବିନିଯୋଗ ହୋଇପାରିବ । ଏ ଦିଗରେ ସଠିକ ତଦନ୍ତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବାକୁ ମଧ ଦାବି ହେଉଚି ।

# ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡର ଜିଲ୍ଲା ଅଧିକାରୀଙ୍କ ବେତନଟୀ ଅଂଚଳ ପରିଦର୍ଶନ

ବେତନଟୀ(ନିପ୍ର): ମୟୁରଭଞ୍ଜ ଜିଲର ବେତନଟୀ ବ୍ଲକ ୨୪ ତି ଗ୍ରାମ ପଂଚାୟତ ଥିବା ବେଳେ ବେତନଟୀ ବଜାର ସମେତ ବଜାର କୁ ଲାଗିଥିବା ବସ୍ତି ଓ ବେତନଟୀ ଗ୍ରାମପଂଚାୟତ ର ଶଗଡ଼ ଭଙ୍ଗା ଗ୍ରାମରେ ପନୀୟ ଜଳ ସଙ୍କଟ ଲାଗିରହିଥିବା ଦୃଷ୍ଟି ଗୋଚର ହୋଇଛି । ଏହି ସ୍ଥାନ ମାନଙ୍କ ରେ ପନୀୟ ଜଳ ସଙ୍କଟ ବର୍ଷ ସାରା ଲାଗିରହିଥିବା ବେଳେ ଗ୍ରୀଷ୍ମ ଦିନରେ ଏହି ସମସ୍ୟା ଅଧିକ ମାତ୍ରାରେ ବୃଦ୍ଧି ପାଇଛି । ଏଭଳିକି ପନୀୟ ଜଳ ପ୍ରକଳ୍ପ ରହିଥିଲେ ମଧ କେତେକ ଅଂଚଳ କୁ ଷ୍ଟାଣ୍ଡ ପୋଷ୍ଟ ଓ ପାଇପ ବିଛା ଯାଇଥିବା ନ ବେଳେ ଅନ୍ୟ କେତେ ଅଂଚଳକୁ ପାଇପ ବିଛଯାଇଥିଲେ ମଧ ପାଣି ପହଂଚି ପାରୁନଥିବାର ଅଭିଯୋଗ ହୋଇଆସୁଛି । ଏ ସମ୍ପର୍କରେ ବେତନଟୀ ମିଡ଼ିଆ ଆସୋସିଏସନ ପକ୍ଷରୁ ଖବର ପ୍ରକାଶ କରିବା ସହ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି କୁ ଆଣିଥିଲେ । ଏ ବାବଦରେ ଗ୍ରାମବାସୀ ମାନେ ମଧ ବେତନଟୀ ବିଡ଼ିଓ ମୁନା ସେଠୀ ଙ୍କ ନିକଟରେ ଲିଖିତ ଅଭଯୋଗ କରିଥିଲେ । ଗ୍ରୀଷ୍ମ ଦିନରେ ପନୀୟ ଜଳ କୁ ନେଇ ଗ୍ରାମବାସୀଙ୍କର ଅଧିକ ଡହଳ ବିକଳ କୁ ଆଖି ଆଗରେ ରଖି ବେତନଟୀ ବ୍ଲକ ର ମିଡ଼ିଆ ଆସୋସିଏସନ ରେ ସଦସ୍ୟ ମାନେ ଗତ ବୁଧବାର ଦିନ ବାରିପଦା ସ୍ଥିତ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡର ନିର୍ବାହୀ ଯନ୍ତ୍ରୀ ଇଞ୍ଜିନିଅର ଜ୍ଞାନେନ୍ଦ୍ର କୁମାର ନାୟକ ଙ୍କୁ ସାକ୍ଷାତ କରି ଜଳ ସଙ୍କଟ ଦୂରୀ କରଣ ପାଇଁ ଆଲୋଚନା କରିଥିଲେ । ଏହାକୁ ଭିତି କରି ଗୁରୁବାର ଦିନ ନିର୍ବାହୀ ଯନ୍ତ୍ରୀ ଶ୍ରୀ ନାୟକ ବେତନଟୀ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଉଦୟନାଥ ହେମ୍ବ୍ରମ, କନିଷ୍ଠ ଯନ୍ତ୍ରୀ ଶ୍ୟାମସୁନ୍ଦର ବେଶ୍ରା, ଅନ୍ୟଜଣେ ଯନ୍ତ୍ରୀ ଯଦୁନାଥ ହାଁସଦା ଙ୍କୁ ସାଙ୍ଗରେ ଧରି ବେତନଟୀରେ ଜଳ ସଙ୍କଟ ଅଂଚଳ କୁ ପରିଦର୍ଶନ କରିବାକୁ ଆସିଥିଲେ । ଏହି ପରିଦର୍ଶନ ସମୟ ରେ ଅଂଚଳ ରେ ଜଳ ସଙ୍କଟ ରେ ବାସ୍ତବ ଚିତ୍ର ଦେଖିବା ସହ ଲୋକଙ୍କ ଅଭିଯୋଗ ମଧ ଶୁଣିଥିଲେ । ଏହି ପରିଦର୍ଶନ ଟିମ ବେତନଟୀ ହାଟଛକ, ବନ ସାହି, ଆନନ୍ଦ ବଜାର ରାସ୍ତା, କଙ୍କା କାଳିଆ ଛକ, କଳିକା ଛକ ରେ ରାସ୍ତା, ଇନ୍ଦିରା ନଗର ବସ୍ତି ପ୍ରମୁଖ ଅଂଚଳ ପରିଦର୍ଶନ କରିଲେ ।

# ବଡ଼ଫେଣି ଗ୍ରାମରେ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ



ଖୁଂଟା(ନିପ୍ର): ଖୁଂଟା ବ୍ଲକ ଅନ୍ତର୍ଗତ ବଡ଼ଫେଣି ଗ୍ରାମରେ ଆଦ୍ୟ ତା ୧୫.୦୫.୨୬ ରିଖ ଦିନ ପୂର୍ବାହ୍ନରେ, ଏକ ଜନ ସଚତନତା କାର୍ଯକ୍ରମ ଅନୁଷ୍ଠିତ ହୋଇଛି । ବାବା ସପ୍ତେଶ୍ୱର ଶାନ୍ତି କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ସଚେତନତା ଶିବିରରେ, ମୁଖ୍ୟ ଅତିଥି ଭାବେ ସରପଂଚ ନୀୟତି ନାଏକ ଯୋଗ ଦେଇ ଥିବା ବେଳେ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷା ଶ୍ରୀମତୀ ଜବା କିସ୍କୁ, ସୁମିତା ମହାନ୍ତ, ଶାନ୍ତି କମିଟି ର ସଭାପତି ପଂଚାନନ ମହାନ୍ତ, ସକ୍ରିୟ ସଦସ୍ୟ ଭୀମ ଚରଣ ମହାନ୍ତ, ନବଘନ ମହାନ୍ତ, ନବୀନ ଚନ୍ଦ୍ର ମହାନ୍ତ, ସର୍ବେଶ୍ୱର ମହାନ୍ତ ଶ୍ରୀ ସରୋଜ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମେ ଅତିଥି ମାନଙ୍କୁ ଖୁବ ସୁନ୍ଦର ଭାବରେ ଝୁମର ନାଚ ଗୀତ ପରିବେଷଣ ମାଧମରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ମଂଚକୁ ପାଛୋଟି ନେଇଥିଲେ । ଶାନ୍ତି କମିଟି ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସମସ୍ତ ଅତିଥି ମାନଙ୍କୁ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ଗ୍ରାମ ରେ କିଭଳି ଏକତାଏବଂ ଭାଇଚାରା ସୃଷ୍ଟି ହୋଇପାରିବ । ଗ୍ରାମରେ ଛୋଟ ଛୋଟ ସମସ୍ୟାର ସହଜ ସମାଧାନ ଏବଂ ଶାନ୍ତି ଶୃଂଖଳା କିଭଳି ପ୍ରତିଷ୍ଠା ହୋଇପାରିବ । ସେ ବାବଦରେ ବକ୍ତାମାନେ ବିସ୍ତୃତ ଆଲୋଚନା କରିଥିଲେ । ପ୍ରକୃତି ଓ ପରିବେଶ ର ସୁରକ୍ଷା ଉପରେ ମଧ ଗୁରୁତ୍ୱାରୋପ କରି ବିଶେଷ ଭାବରେ ସଚେତନତା ସୃଷ୍ଟି କରାଯାଇଥିଲା । ଆଖ ପାଖ ଅଂଚଳରୁ ଶତାଧିକ ମହିଳା ମାନେ ଏହି ସଚେତନତା ଶିବିରରେ ଯୋଗ ଦେଇଥିବା ଦେଖିବାକୁ ମିଳିଛି । ବାବା ସପ୍ତେଶ୍ୱର ଶାନ୍ତି କମିଟିର ଏହି ସୁଦୂର ପ୍ରସାରି ମହତ ଉଦ୍ଦେଶ୍ୟକୁ ସମସ୍ତେ ଭୂରି ଭୂରି ପ୍ରଶଂସା କରିଛନ୍ତି । ଶେଷରେ ବିଶିଷ୍ଟ ସମାଜସେବୀ ଶ୍ରୀମତୀ ସୁମିତା ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।





## ଟ୍ରେନରେ ଫେରୁଥିବା ବେଳେ ତୀର୍ଥ ଯାତ୍ରୀଙ୍କ ମୃତ୍ୟୁ

ସୋର, (ନି.ପ୍ର.) ସୋର ବ୍ଲକ ଦହିସଡା ପଂଚାୟତ ଦହିସଡା ଗ୍ରାମରେ ଜଣେ ବୃଦ୍ଧ ତୀର୍ଥ ଯାତ୍ରାରେ ଯାଇ ଫେରୁଥିବା ବେଳେ ଟ୍ରେନରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡିଛି । ସୂଚନା ଅନୁସାରେ ଏହି ଗ୍ରାମର ଭାସ୍କର ଚନ୍ଦ୍ର ଘଡେଇ(୭୪) ପତ୍ନୀ ରୁକ୍ମଣୀ ଘଡେଇ ଏବଂ ତାଙ୍କର ଅନ୍ୟ ବନ୍ଧୁ ମାନଙ୍କ ସହ ଉତ୍ତର ଭାରତ ବୁଲି ବାକୁ ଯାଇଥିଲେ । ସେଠାରୁ ଫେରିବା ସମୟରେ ପ୍ରୟାଗରାଜ ଦର୍ଶନ କରି ଫେରିବା ସମୟରେ ତାଙ୍କ ଦେହ ଅସୁସ୍ଥ ହୋଇଥିଲା । ଫଳରେ ଅନ୍ୟ ସାଥୀ ମାନେ ତାଙ୍କୁ ଚିକିତ୍ସା କରାଇଥିଲେ । ସେଠାରୁ ସୁସ୍ଥ ହୋଇ ପୁରୀ ଅଭିମୁଖେ ଆସୁଥିବା ବେଳେ ରାସ୍ତାରେ ତାଙ୍କ ଦେହ ଅଧିକ ଅସୁସ୍ଥ ହୋଇଥିଲା ।ଏ ବାବଦରେ ରେଳ ଅଧିକାରୀଙ୍କୁ ଜଣାଇବା ପରେ ରେଳବାଇ ତରଫରୁ ଏକ ଡାକ୍ତରୀ ଟିମ ପଠାଇ ତାଙ୍କର ଚିକିତ୍ସା କରାଇଥିଲେ । ସେ ସୁସ୍ଥ ହୋଇ ଫେରୁଥିବା ସମୟରେ ଗତକାଲି ରାତିରେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଫଳରେ ଅନ୍ୟ ସାଥୀ ମାନେ ତାଙ୍କ ଶବକୁ ଦହିସଡା ଗ୍ରାମକୁ ନେଇ ଆସିଥିଲେ । ସେଠାରେ ଶୋକାକୋଳ ପରିବେଶରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି ।ପୁତ୍ର ସୁଶାନ୍ତ ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ଘଡେଇ ଆରଏସଏମଏସରେ କାର୍ଯ୍ୟ କରି ଅବସର ଗ୍ରହଣ କରିବା ପରେ ଗ୍ରାମର ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ରହି ନିଷ୍ଠାର ସହ କାର୍ଯ୍ୟ କରୁଥିଲେ ।ସେ ଜଣେ ମିଷ୍ଟ ଭାଷୀ, ପରୋପକାରୀ ଏବଂ ଧର୍ମ ପରାୟଣ ବ୍ୟକ୍ତି ଭାବେ ଗ୍ରାମରେ ବେଶ ଜଣାଶୁଣା ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ସୋରର ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିବା ବେଳେ ଗ୍ରାମରେ ଶୋକାକୋଳ ପରିବେଶ ସୃଷ୍ଟି ହୋଇଥିଲା ।

# ବେତନଟୀ ଡାକ୍ତରଖାନାରେ ଭୁଲ ଏକ୍ସ-ରେ ରିପୋର୍ଟ ପ୍ରଦାନ

## ୮ ବର୍ଷର କୁନିଝିଅକୁ ବୟସ୍କ ବ୍ୟକ୍ତିଙ୍କ ଏକ୍ସ-ରେ ରିପୋର୍ଟ ଦେଇ ଅଧିକାରୀ ହଟହଟ୍ଟା

ବେତନଟୀ(ନି ପ୍ର)ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ରଞ୍ଜନରଶ୍ମୀ (ଏକ୍ସ-ରେ) ବିଭାଗର ଅବହେଳା ଓ ଦାୟିତ୍ୱହୀନତା ଯୋଗୁଁ ଜଣେ ୮ ବର୍ଷର ନାବାଳିକାକୁ ଭୁଲ୍ ଏକ୍ସ-ରେ ରିପୋର୍ଟ ଦେଇ ଅନାବଶ୍ୟକ ପ୍ଲାଷ୍ଟରିଂ କରାଯାଇଥିବା ଘଟଣା ସ୍ଥାନୀୟ ଅଂଚଳରେ ଗଭୀର ଉଦ୍‌ବେଗ ସୃଷ୍ଟି କରିଛି । ପରିବାର ଲୋକେ ଏହି ଘଟଣାରେ ସମ୍ପୃକ୍ତ ଏକ୍ସ-ରେ ଟେକ୍ନିସିଆନ୍ ଓ ଡାକ୍ତରଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନା ମୁତାବକ ବେତନଟୀ ଉପକଣ୍ଠ ବହାନଡା ଗ୍ରାମର ଜଣେ ୮ ବର୍ଷୀୟା ନାବାଳିକା ସୋମବାର ଦିନ ଘର ପାଖରେ ସାଇକେଲ୍ ଚଳାଉଥିବା ସମୟରେ ପଡ଼ିଯାଇ ଗୋଡ଼ରେ ଆଘାତ ପାଇଥିଲେ । ପରିବାର ଲୋକେ ତାଙ୍କୁ ତୁରନ୍ତ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ । ସେଠାରେ କାର୍ଯ୍ୟରତ ଡାକ୍ତର ଏକ୍ସ-ରେ କରାଇବାକୁ ପରାମର୍ଶ ଦେଇଥିଲେ । ଡାକ୍ତରଙ୍କ ପରାମର୍ଶ କ୍ରମେ ନାବାଳିକାଙ୍କ ଏକ୍ସ-ରେ କରାଯାଇଥିଲା । କିନ୍ତୁ ରଞ୍ଜନରଶ୍ମୀ ବିଭାଗର ଟେକ୍ନିସିଆନ୍ ସେହି ସମୟରେ ଗୋଡ଼ ଭାଙ୍ଗିଥିବା ଜଣେ ବୟସ୍କ ବ୍ୟକ୍ତିଙ୍କ ଏକ୍ସ-ରେ ମଧ କରୁଥିଲେ । ରିପୋର୍ଟ ଦେବା ସମୟରେ ଟେକ୍ନିସିଆନ୍ ବାଳିକାଙ୍କ ବଦଳରେ ବୟସ୍କ ବ୍ୟକ୍ତିଙ୍କ ଏକ୍ସ-ରେ ରିପୋର୍ଟ ପରିବାର ଲୋକଙ୍କୁ ଦେଇଦେଇଥିଲେ । ପରିବାର ଲୋକେ ଉକ୍ତ ରିପୋର୍ଟ ଆଉଡୋରରେ କାର୍ଯ୍ୟରତ ଡାକ୍ତରଙ୍କୁ ଦେଖାଇଥିଲେ । ଡାକ୍ତର ରିପୋର୍ଟ ଭଲ୍ ଭାବେ ଯାଂଚ ନ କରି ଗୋଡ଼ ଭାଙ୍ଗିଥିବା ଦେଖି ଅପରେସନ୍ ସହ ପ୍ଲାଷ୍ଟରିଂ କରିବାକୁ ପରାମର୍ଶ ଦେଇ ବାରିପଦା ରେଫର୍ କରିଥିଲେ । ଅପରେସନ୍ କଥା ଶୁଣି ପରିବାର ବିଚଳିତ ହୋଇପଡ଼ିଥିଲା । ଏବଂ ବ୍ୟସ୍ତବିବ୍ରତ ହୋଇ ଧାର କରଜ କରି ଟଙ୍କାନେଇ ଅପରେସନ ପାଇଁ ଯାଉ ଥିଲେ । ଏହି ସମୟରେ ଜଣେ ସମ୍ପର୍କୀୟଙ୍କ ସନ୍ଦେହ ହେବାରୁ ନାବାଳିକାଙ୍କୁ ନେଇ ଏକ ଘରୋଇ କ୍ଲିନିକ୍ ?କୁ ଯାଇ ପୁନଃ ଏକ୍ସ-ରେ କରାଯାଇଥିଲା । ନୂଆ ରିପୋର୍ଟରେ କୌଣସି ଫ୍ରାକ୍ଚର୍ ନଥିବା ଜଣାପଡ଼ିଥିଲା ଏବଂ ଡାକ୍ତର କେବଳ ପ୍ଲାଷ୍ଟରିଂ କରି ଚିକିତ୍ସା କରିଥିଲେ । ଏହା ପରେ ପରିବାର ଲୋକେ ବାରିପଦାରେ ଆଉ ଏକ ଏକ୍ସ-ରେ କରାଇ ନିଶ୍ଚିତ କରିଥିଲେ ଯେ ବାଳିକାଙ୍କ ଗୋଡ଼ ସମ୍ପୂର୍ଣ୍ଣ ସୁସ୍ଥ ଅଛି ଏବଂ ବେତନଟୀ ଡାକ୍ତରଖାନାର ରିପୋର୍ଟ ବୟସ୍କ ବ୍ୟକ୍ତିଙ୍କର ଥିଲା । ଏହାପରେ ଉକ୍ତ ନାବାଳିକାଙ୍କ ପିତାମାତା ଡାକ୍ତରଖାନା ପହଂଚି ଭୁଲ୍ ପ୍ଲାଷ୍ଟରିଂ ଖୋଲିବାକୁ କହିଥିଲେ । ଏଂ ଉକ୍ତ ଏକ୍ସ-ରେ ଟେକନିସିଆନ ଓ ଆଉଡୋରରେ କାର୍ଯ୍ୟରତ ଡାକ୍ତର କଣ ପାଇଁ ଭୁଲ ରିପୋର୍ଟ ଦେଲେ ଓ କାର୍ଯ୍ୟରତ ଡାକ୍ତର ଭଲ ଭାବରେ ଯାଂଚ ନକରି କଣ ପାଇଁ ବାରିପଦା ରେଫର କରି ପରିବାର ଲୋକଙ୍କୁ ମାନସିକ ନିର୍ଯାତନା ଦେଲେ ତାହା ପଚାରି ଥିଲେ । ଏହା ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କ ପରାମର୍ଶ କ୍ରମେ ଏହି ଦୁଇ ଅଧିକାରୀ ଙ୍କ ବିରୋଧରେ ଲିଖିତ ଅଭିଯୋଗ ଦେଇଥିଲେ । ଏବାବଦ ରେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା. ସିପୁନ କୁମାର ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି ମୁଁ ଘଟଣା ସମ୍ପର୍କରେ ଅବଗତ ଅଛି ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଜଣାଇ ତଦନ୍ତ ପାଇଁ ଅନୁରୋଧ କରିଛି । ପରିବାର ଲୋକେ ପ୍ରଶ୍ନ କରିଛନ୍ତି ଯେ, ଏପରି ଅବହେଳା ଯୋଗୁଁ କୌଣସି ଅଘଟଣ ଘଟିଲେ କିଏ ଦାୟୀ ହୋଇଥାନ୍ତେ ? ଏହି ଘଟଣା ସ୍ଥାନୀୟ ଅଂଚଳରେ ସ୍ୱାସ୍ଥ୍ୟ ସେବା ପ୍ରତି ଲୋକଙ୍କ ଆସ୍ଥାକୁ ପ୍ରଭାବିତ କରିଛି । ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ ପଦାଧିକାରୀମାନେ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା, ଜଣେ ମୃତ, ୩ ଗୁରୁତର

ସୋର,(ନି.ପ୍ର.) ଅନନ୍ତପୁର ଥାନା ବାଲିଛନ୍ଦାଘାଟ ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକା ହେବା ଫଳରେ ଘଟଣା ସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟତିନି ଜଣ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁସାରେ କଷିଆ ମେରାଇନ ଥାନା ଅନ୍ତର୍ଗତ ସାନକୃଷ୍ଣପୁର ଗ୍ରାମର ରାମଚନ୍ଦ୍ର ବେହେରା (୪୮) ଓ ତାଙ୍କ ପୁତୁରା ବୁଦ୍ଧିରାମ ବେହେରା(୪୦) ବୋଟରେ ମାଛମାରିବାକୁ ସମୁଦ୍ରକୁ ଯାଆନ୍ତି । ଆଜି ମଧ୍ୟାହ୍ନରେ କଷାଫଳରୁ କାମ ସାରି ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ବାଲିଛନ୍ଦା ଘାଟ ନିକଟରେ ବାସୁଦେବପୁରରୁ ଅନନ୍ତପୁର ଅଭିମୁଖେ ଆସୁଥିବା ଏକ ବାଇକ ସହ ତାଙ୍କର ମୁହାଁମୁହିଁ ଧକା ହୋଇଥିଲା । ଫଳରେ ରାମଚନ୍ଦ୍ର ଓ ବୁଦ୍ଧିରାମଙ୍କ ସମେତ ସମସ୍ତେ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ରାମଚନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟ ତିନିଜଣଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ସେମାନଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଖବର ପାଇ ଅନନ୍ତପୁର ଥାନା ପୁଲିସ ଘଟଣା ସ୍ଥଳରେ ପହଂଚି ବାଇକ ଦୁଇଟିକୁ ଜବତ କରି ଥାନାରେ ରଖିବା ସହିତ ରାମଚନ୍ଦ୍ରଙ୍କ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏନେଇ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି । ତେବେ ଅନ୍ୟ ବାଇକରେ ଯାଉଥିବା ଦୁଇ ଜଣଙ୍କ ପରିଚୟ ମିଳିପାରିନାହିଁ ।

## କଳରାପତରିଆ ବାଘମୃତ୍ୟୁ ଘଟଣା, ଜଣେ ଶିକାରୀ ଗିରଫ



ନୀଳଗିରି (ନି.ପ୍ର.) ବାଲେଶ୍ୱର ଜିଲ୍ଲା ନୀଳଗିରି ରେଞ୍ଜ ମିତ୍ରପୁର ସେକ୍ସନ ପାଟଣାବିଟ କାଠଗୋଛି ଜଙ୍ଗଲରେ ଗତ ୧୨ତାରିଖ ଏକ କଳରାପତରିଆ ବାଘ ଏକ ଫାଶରେ ପଡ଼ି ମୃତ୍ୟୁଘଟଣାର ୨ଦିନ ମଧ୍ୟରେ ଶିକାରୀକୁ ଗିରଫ କରିବାରେ ସଫଳ ହୋଇଛି ବନବିଭାଗ । ସୂଚନା ଅନୁଯାୟୀ ଗତ ମଙ୍ଗଳବାର ପାଟଣା ଫରେଷ୍ଟବିଟ କାଠଗୋଛି ଜଙ୍ଗଲରେ ଏକ ଅଣ୍ଡିରା କଳରାପତରିଆ ବାଘ ପଥରଚଟାଣ ନିକଟରେ ଥିବା ଛୋଟ ଶିମିଳିଗଛରେ ବସାଯାଇଥିବା ମଟରସାଇକେଲ କ୍ଲଚତାର ଫାଶରେ ପଡ଼ି ମୃତ୍ୟୁବରଣ କରିଥିବାର ଦେଖି ସ୍ଥାନୀୟଲୋକ ବନବିଭାଗକୁ ଖବର ଦେଇଥିଲେ । ନୀଳଗିରି ବନବିଭାଗ ରେଞ୍ଜର ମନୱର୍ ଖାଁଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଂଚି ମୃତବାଘକୁ ଦେଖି ବାଲେଶ୍ୱର ଡିଏଫଓ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ଅବଗତ କରିଥିଲେ । ତେବେ ପ୍ରଥମଥର ପାଇଁ ନୀଳଗିରି ଅଂଚଳରେ ବାଘ ଦେଖାଯାଇଥିବା ବାଘଟି କୁଳଡିହା ଜଙ୍ଗଲ କିମ୍ବା ଶିମିଳିପାଳ ଅଭୟାରଣ୍ୟରୁ ଖାଦ୍ୟ,ପାନୀୟ ଅନ୍ୱେଷଣରେ ଖସିଆସିଥିବା ବେଳେ ବାରହା ଫାଶରେ ପଡ଼ି ଜୀବନ ହରାଇଥିବା ବନବିଭାଗ ଅନୁମାନ କରିଥିଲା । ବାଘମୃତ୍ୟୁର କାରଣ ଖୋଜିବାପାଇଁ ଭୁବନେଶ୍ୱରରୁ ଜଏଂଟ ଟ୍ୟାକ୍ସ ଫୋର୍ସର ଅଧିକାରୀ ବଟକୃଷ୍ଣ ମିଶ୍ର ଏବଂ ଅନ୍ୟ ଦୁଇଜଣ ସହକାରୀ ଘଟଣାସ୍ଥଳରେ ପହଂଚି ପ୍ରାଥମିକ ତଦନ୍ତକରି ସମସ୍ତ ଅଧିକାରୀଙ୍କ ଉପସ୍ଥିତିରେ ମୃତଦେହକୁ ବ୍ୟବଚ୍ଛେଦ କରାଯାଇଥିଲା । ତେବେ ଆଜି ତଦନ୍ତକାରୀ ଅଧିକାରିଣୀ ଏସିଏଫ୍ ତଟିନୀ ସେଠୀଙ୍କ ନେତୃତ୍ୱରେ ତଦନ୍ତଚାଲିଥିବା ବେଳେ ବିଶେଷସୂତ୍ରରୁ ଖବରପାଇ କାଠଗୋଛି ଗ୍ରାମର ଗୁମାନ ସିଂ ନାମକ ଶିକାରୀକୁ ଗିରଫକରି କୋର୍ଟଚାଲାଣ କରାଯାଇଥିବା ସୂଚନା ମିଳିଛି । ଗୁମାନ ସିଂ ଜଙ୍ଗଲରେ ଫାଶବସାଇଥିବା ତଦନ୍ତକାରୀ ଅଧିକାରୀଙ୍କ ଠାରେ ସ୍ୱୀକାର କରିଥିବା ଜଣାଯାଇଛି ।ବାଘମୃତ୍ୟୁର ଦୁଇଦିନ ନପୁରୁଣୁ ଶିକାରୀକୁ ଗିରଫ କରିବାରେ ବନବିଭାଗ ସଫଳ ହୋଇଥିବାରୁ ପରିବେଶପ୍ରେମୀ ଆସ୍ୱସ୍ଥ ଥିବା ପରିଲକ୍ଷିତ ହୋଇଛି ।

## ମୁଖ୍ୟମନ୍ତ୍ରୀ-ସମ୍ପଦ ଓ ଡିଏମଏଫ୍ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

ଝାରସୁଗୁଡ଼ା, (ନି.ପ୍ର.) ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ ସିଏମ୍-ସମ୍ପଦ (ଉଗ-ଝଇଗଚଇଉଇ) ଡ୍ୟାସବୋର୍ଡ ଏବଂ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଅଧୀନରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ମୁଖ୍ୟମନ୍ତ୍ରୀ ସମ୍ପଦ ଯୋଜନାରେ ଅନ୍ତର୍ଭୁକ୍ତ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଏବଂ ଡାଟା ଅପଲୋଡ୍ ପ୍ରକ୍ରିୟାର ଅନୁଧ୍ୟାନ କରିଥିଲେ । ସରକାରଙ୍କ ୧୦ଟି ପ୍ରମୁଖ ଯୋଜନା ଏହି ଡ୍ୟାସବୋର୍ଡ ମାଧ୍ୟମରେ ଟ୍ରାକିଂ କରାଯାଉଥିବାରୁ, ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ତଥ୍ୟର ସଠିକତା ଯାଂଚ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଜିଲ୍ଲାର ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ପୋଷଣ କ୍ଷେତ୍ର ଉପରେ ଜିଲ୍ଲାପାଳ ବିଶେଷ ଗୁରୁତ୍ୱାରୋପ କରିଛନ୍ତି । ବିଶେଷ କରି ସ୍ୱାସ୍ଥ୍ୟ ଏବଂ ସମାଜ ମଙ୍ଗଳ ବିଭାଗର କାର୍ଯ୍ୟକାରିତା ଯେଉଁ ସ୍ଥାନରେ 'ରେଡ୍' କିମ୍ବା 'ଅରେଞ୍ଜ' ବର୍ଗରେ ରହିଛି, ସେଗୁଡ଼ିକୁ ତୁରନ୍ତ ସୁଧାରି 'ଗ୍ରୀନ୍' ବର୍ଗକୁ ଆଣିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାରେ ଯେଉଁ ଅଂଚଳରେ ବିଦ୍ୟାଳୟ ନାହିଁ, ସେଠାରେ ଶିକ୍ଷା ଭିତିଭୂମି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସେ କହିଛନ୍ତି । ସେହିପରି ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।ସହାୟତା ପ୍ରଦାନ କ୍ଷେତ୍ରରେ ଡଇଞ୍ଜ ମାଧ୍ୟମରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଓ ପୋଷ୍ଟ ଅଫିସ ଜରିଆରେ ସହାୟତା ରାଶି ଯେପରି ମିଶନ ମୋଡ୍ ?ରେ ହିତାଧିକାରୀଙ୍କ ପାଖରେ ପହଂଚିବ, ତାହା ନିଶ୍ଚିତ କରିବାକୁ କୁହାଯାଇଛି । । ଏହି ବୈଠକରେ ଝାରସୁଗୁଡ଼ା ପୌରପାଳିକାର ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡ଼ତିଆ, ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ଜୟନ୍ତୀ ଗଡ଼ତିଆଙ୍କ ସମେତ ଡିଏମଏଫ୍ ଏବଂ ଅନ୍ୟାନ୍ୟ ସମସ୍ତ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ୧୮ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କଟକ (ନି. ପ୍ର.) ଆସନ୍ତା ୧୮ ତାରିଖ ସୋମବାର କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ । ଏହି ଅଭିଯୋଗ ଶୁଣାଣି ଶିବିର ସକାଳ ୭ଘଟିକା ସମୟରେ ଆରମ୍ଭ ହୋଇ ପୂର୍ବାହ୍ନ ୧୦ଘଟିକା ପର୍ଯ୍ୟନ୍ତ ଚାଲିବ । ଅଭିଯୋଗକାରୀମାନେ ଏହି ସମୟରେ ଉପସ୍ଥିତ ରହି ନିଜ ଅଭିଯୋଗଗୁଡିକ ପଞ୍ଜିକରଣ କରି ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ଶୃଙ୍ଖଳିତ ଭାବେ ଅଭିଯୋଗ ଶୁଣାଣିରେ ଭାଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଏହି ଶିବିରରେ ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ । ଏଥିସହ ଜିଲ୍ଲାର ବିଭିନ୍ନ ପଂଚାୟତ ସ୍ତରରେ ହେଉଥିବା ଜନ ଅଭିଯୋଗ ଶୁଣାଣିଗୁଡିକ ମଧ୍ୟ ସକାଳ ୭ଘଟିକାଠାରୁ ୧୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

## ନିମ୍ନମାନର ଖଇରା ବଜାର ଡ୍ରେନ କାମକୁ ବନ୍ଦ କଲେ ଗ୍ରାମବାସୀ

ଖଇରା,(ନି.ପ୍ର.)ବାଲେଶ୍ୱର ଜିଲାର ପ୍ରମୁଖ ରାସ୍ତା ଭାବେ ଅନନ୍ତପୁର-କୁପାରୀ ଭାୟା ସୋର ରାଜ୍ୟ ରାଜପଥ ନିର୍ମାଣ ଆରମ୍ଭରୁ ଏହାର ମାନ କୁ ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଛି । ପୂ□ ବିଭାଗ ଅଧିନର ଏହି ରାସ୍ତା କାମ ନସରୁଣୁ ରାସ୍ତାର ବଟେଶ୍ୱର,ଗଣ୍ଡିବେଡ ଭଳି ଯାଗା ମାନଙ୍କରେ ବିରାଟ ଫାଟ ସୃଷ୍ଟି ହେବା ଦୋଷ ଲୁଚାଇବାକୁ ଏବେ ଏହାର ମରାମତି କରାଯିବାରେ ପୁର୍ବର ଅଭିଯୋଗ ସତରେ ପରିଣତ ହୋଇଛି । ରାସ୍ତା ସରିବା ପରେ ଏବେ ବଜାର ମାନଙ୍କରେ ଡ୍ରେନ କାମ ଆରମ୍ଭ ହୋଇଛି ।ଏବେ ଖଇରା ବଜାର ସଂଲଗ୍ନ କୋଚିଆକୋଇଲି ଗ୍ରାମରୁ ଆଳଦା ଛକ ପର୍ଯ୍ୟନ୍ତ ଏହି କାମ ଚାଲିଥିବା ବେଳେ ଏଷ୍ଟିମେଟ ଅନୁଯାୟୀ କାର୍ଯ୍ୟ ହେଉନଥିବା କାରଣରୁ ବଜାରବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି । ବିଶେଷ କରି ପଳସା-ଡୁଙ୍ଗୁରା ରାସ୍ତା ଆରମ୍ଭ ଆଳଦା ଛକ ନିକଟରେ ବିଭାଗର ଅପରିଣାମଦର୍ଶିତା ଯୋଗୁଁ ଦୁର୍ବଳ କଂକ୍ରିଟ ଢଳେଇ ଓ ପତଳା ରଡ ବ୍ୟବହାରକୁ ନେଇ ଜନସାଧାରଣଙ୍କ ଆକ୍ରୋଶ ଦେଖିବାକୁ ମିଳିଛି । ୩ଦିନ ତଳେ ନୟାଖଣ୍ଡି ସରପ□ ପ୍ରତିନିଧି ହୃଦୟ ବେହେରା ଓ ଆଳଦା ଗ୍ରାମର ଜୟନ୍ତ ସାହୁଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଏହି ନିମ୍ନମାନର କାମକୁ ବନ୍ଦ ରଖିଛନ୍ତି । ଖଇରା ବଜାରକୁ ସଂଯୋଗ କରୁଥିବା ଏହି ପଳସା -ଡୁଙ୍ଗୁରା ସଡକପଥରେ ଦୈନିକ ଶହ ଶହ ସଂଖ୍ୟାର ଭାରିଯାନ ଯାତାୟାତ କରୁଥିବାରୁ ଏହାର ସିମେ□ଓ ରଡ ଭାଗ ବଢାଇ ସୁଦୃଢ଼ କରିବାକୁ ଗ୍ରାମବାସୀ ମାନେ ଦାବି କରି ଏହି କାର୍ଯ୍ୟକୁ ଅଟକାଇ ରଖିଥିବା ଜଣାଯାଇଛି । ଆରମ୍ଭରୁ ଏହିକାମରେ ସିମେ□ କମ ବାଲି ଅଧିକ ଦିଆଯାଇ କାମ କରାଯାଉଥିବା ନେ ଆଳଦା ଓ କୋଚିଆକୋଇଲି ଗ୍ରାମର ଅଧିବାସୀ ମାନେ କହିଆସୁଛନ୍ତି । ଜନସାଧାରଣଙ୍କ ଦାବି ଅନୁଯାୟୀ ବିଭାଗ କାମ ନକଲେ କାମ ଅଟକାଇ ରଖାଯିବ ବୋଲି ସରପ□ ପ୍ରତିନିଧି ହୃଦୟ ବେହେରା କହିଛନ୍ତି ।ଏ ସମ୍ପର୍କରେ ଡ୍ରେନ ତଦାରଖ କରୁଥିବା ଯନ୍ତ୍ରୀ ଜିତେନ୍ଦ୍ର ମହାଳିକଙ୍କ ପ୍ରତିକ୍ରିୟା ନିଆଯିବାରେ ଲୋକମାନେ ଯାହା ଦାବି କରୁଛନ୍ତି ସେହି ଦାବି ଅନୁଯାୟୀ କାର୍ଯ୍ୟ ହେବ ବୋଲି କହିଛନ୍ତି । ବିଭାଗକୁ ପିସି ପରେ ୱାର୍ଡ ସ୍ତରରୁ ନିର୍ବାଚନ ମଣ୍ଡଳୀ ସ୍ତରର ନେତାକୁ ମଧ୍ୟରେ ପ୍ରତି ସପ୍ତାହରେ ଗୁଞ୍ଜା ଦେବାକୁ ପଡୁଥିବାରୁ ଏଷ୍ଟିମେଟ ଅନୁଯାୟୀ କାମ କରିବା ସମ୍ଭବ ନୁହେଁ ବୋଲି ଡ୍ରେନ ଓ ରାସ୍ତାକାମ ଦେଖୁଥିବା ଜଣେ ତଳସ୍ତରର କର୍ମଚାରୀ ନାମ ଗୋପନ ରଖି କହିଛନ୍ତି ।

## ଅପରିଚିତ ଯୁବକଙ୍କ ମୃତଦେହ ଓଭରବ୍ରିଜ ଉପରୁ ଜବତ

ବେତନଟୀ, (ନି.ପ୍ର)୧୮ ନମ୍ବର ଜାତୀୟ ରାଜପଥର କୃଷ୍ଣଚନ୍ଦ୍ରପୁର ଓଭରବ୍ରିଜ ଉପରୁ ଜଣେ ଅପରିଚିତ ଯୁବକଙ୍କ ମୃତଦେହ ଗୁରୁବାର ରାତିରେ ଜବତ କରିଛି ବେତନଟୀ ପୁଲିସ ।ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଯୁବକ ଜଣକ ଓଭରବ୍ରିଜ ଡିଭାଇଡର ଉପରେ ବସିଥିବା ସମୟରେ ହଠାତ୍ ଟଳି ପଡ଼ିଥିଲେ । ଦୀର୍ଘ ସମୟ ଧରି ସେ ସେହିଠାରେ ପଡ଼ିରହିଥିବାର ଦେଖି ସ୍ଥାନୀୟ ଲୋକେ ବେତନଟୀ ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣାସ୍ଥଳରେ ପହଂଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି ।ମୃତ ଯୁବକଙ୍କ ପରିଚୟ ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ । ତାଙ୍କୁ ଚିହ୍ନଟ କରିବା ପାଇଁ ଆଖପାଖ ଗ୍ରାମଗୁଡ଼ିକରେ ପୁଲିସ ପଚରାଉଚରା ଜାରି ରଖିଛି । ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ପୋଷ୍ଟମର୍ଟମ୍ ରିପୋର୍ଟ ଅପେକ୍ଷା କରାଯାଉଛି । ଏହି ଘଟଣା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ହୋଇଛି ।

## କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଶୋକ ସଭା ପାଳିତ

ନୀଳଗିରି,(ନି.ପ୍ର.)) ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନୀଳଗିରି ଅଂଚଳ କମିଟି ତରଫରୁ ବର୍ଷିଆନ ସାମ୍ୟବାଦୀ ନେତ୍ରୀ ବାୟାଣୀ ନାୟକ ଙ୍କ ଉଦେଶ୍ୟରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା କ୍ଷ ଶୋକ ସଭା ରେ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ନିରଞ୍ଜନ ବାରିକ ଭାଗ ନେଇ ପ୍ରକାଶ କଲେ କି ବାୟାଣୀ ନାୟକ ବ୍ରିଟିଶ ଶାସନ ଅଧିନସ୍ଥ ମୋଗଲ ବନ୍ଦୀ ଅଂଚଳ ରେ ଜନ୍ମ ଗ୍ରହଣ କରି ନୀଳଗିରି ଗଡଜାତ ରାଜ୍ୟ ରେ ଏକ ସର୍ବରକ୍ଷକାର ପରିବାର ରେ ବିବାହ କରିଥିଲେ କ୍ଷ ସେ ଏକା ଧାର ରେ ସୁ ଗୃହିଣୀ ର କାର୍ଯ୍ୟ ତୁଲାଇବା ସହିତ ସମାଜ ସେବା କାର୍ଯ୍ୟ ରେ ଅଗ୍ରଣୀ ଭାବେ ନିଜକୁ ନିୟୋଜିତ କରିଥିଲେ କ୍ଷ ବାମପନ୍ଥୀ ଚିନ୍ତାଧାରା ରେ ଅନୁପ୍ରାଣିତ ହୋଇ ସାମ୍ପ୍ରଦାୟିକ ଭିଡ଼ ହତ୍ୟା କୁ ବିରୋଧ କରି ପୋଲିସ ର ଆକ୍ରୋଶ ର ଶିକାର ହୋଇ ବିଚାର ବନ୍ଦୀ ଭାବରେ ୩ ମାସ ଧରି ନୀଳଗିରି ଜେଲ ରେ ରହିବା ଓ ଜେଲ ରୁ ବାହାରିବା ପରେ ନିଜେ ସମାଜ ସେବା ସହିତ ଜଡିତ ହେବା ସହିତ ନିଜର ପୁତ୍ର ଓ ପୁତ୍ରବଧୂ ମାନଙ୍କୁ ସେହି ମାର୍ଗ ଅବଲମ୍ବନ କରିବା ପାଇଁ ଉତ୍ସାହିତ କରିଥିଲେ କ୍ଷ ସେହି ମହିୟସୀ ନାରୀ ଗତ ମେ ମାସ ୯ ତାରିଖ ୧୦୩ ବର୍ଷ ବୟସ ରେ ତାଙ୍କ ବାସଭବନ ଗୁହାଳିଆ ଗ୍ରାମ ରେ ହୃଦ ଯନ୍ତ୍ରଣା ଅନୁଭବ କରି ସ୍ୱର୍ଗଗାମୀ ହୋଇଥିଲେ କ୍ଷ ତାଙ୍କ ର ଅମର ଆତ୍ମା ର ସଦ୍‌ଗତି କାମନା କରି ଏକ ଶୋକ ସଭା ନୀଳଗିରି ର ବନମାଳୀ ଭବନ ରେ ଅନୁଷ୍ଠିତ ହୋଇଥିଲା କ୍ଷ ଏହି ଶୋକ ସଭା ରେ ସଭାପତିତ୍ୱ କରିଥିଲେ ୮୮ ବର୍ଷୀୟ ବୟୋଜ୍ୟେଷ୍ଠ ସାଥି ସୀତାରାମ ଦାସ, ଏହି ଶୋକ ସଭା ରେ ଜୋନ ସମ୍ପାଦକ ବିଜୟ ସ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଉପସ୍ଥିତ କର୍ମୀ ବନ୍ଧୁ ସହଯୋଗି ମାନଙ୍କୁ ତାଙ୍କର ବକ୍ତବ୍ୟ ଉପସ୍ଥାପନା ସମୟରେ ପ୍ରକାଶ କଲେ କି ବାୟାଣୀ ନାୟକ ଙ୍କ ସହଯୋଗ ରେ ଗଢି ଉଠିଥିବା ଇକୋ ସେନସିଟିଭ ଜୋନ ପ୍ରତ୍ୟାହାର ଆନ୍ଦୋଳନ କୁ କ୍ରିୟାଶୀଳ କରି ପାରିଲେ ତାହା ହିଁ ହେବ ତାଙ୍କ ପ୍ରତି ଶେଷ ଶ୍ରଦ୍ଧାଞ୍ଜଳି କ୍ଷ ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ କମ୍ୟୁନିଷ୍ଟ ନେତା ବିକ୍ରମ କେଶରୀ ମିଶ୍ର, ରବୀନ୍ଦ୍ର ନାୟକ, ଆଦିବାସୀ ନେତା ଭାସ୍କର ଦାସ, ନାଗେନ୍ଦ୍ର ଦଳେଇ, ଲମ୍ବୋଦର ବେହେରା, ଚାଷୀ ନେତା ସୁରେନ୍ଦ୍ର ମହାପାତ୍ର ଙ୍କ ସମେତ ବହୁ କର୍ମୀ ସମର୍ଥକ ମକ୍ଷନେ ଏହି ଶୋକ ସଭା ରେ ଭାଗ ନେଇଥିଲେ କ୍ଷ ସର୍ବ ଶେଷ ରେ ମେ ମାସ ଆସନ୍ତା ୨୯ ତାରିଖ ଇକୋ ସେନସିଟିଭ ଜୋନ ପ୍ରତ୍ୟାହାର ଦାବି ରେ ଔପଦା ବ୍ଲକ ସମ୍ମୁଖରେ ଗଣ ବିକ୍ଷୋଭ ରେ ଯୋଗ ଦେବାକୁ ସମ୍ପାଦକ ଉପସ୍ଥିତ କର୍ମୀ ମାନଙ୍କୁ ଆହ୍ୱାନ ଦେଇଥିଲେ ।

## ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କର ସମନ୍ୱୟ ସଭା ଅନୁଷ୍ଠିତ

ପୁରୀ (ନି.ପ୍ର.)ରଥଯାତ୍ରା ସମୟରେ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ର ପୁରୀ କୁ ଆଗମନ ଘଟିଥାଏ ।ଏହି ଶ୍ରଦ୍ଧାଳୁ ମାନଙ୍କୁ ସ୍ୱେଚ୍ଛାସେବୀ ସଂଗଠନ ମାନେ ବିବିଧ ସେବା ଯୋଗାଇ ଦେଇଥାନ୍ତି ।ଏହା ମଧ ମହାପ୍ରଭୁଙ୍କ ପ୍ରତି ଏକ ମହାନ ସେବା ବୋଲି କହିଛନ୍ତି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ।ଆଜି ପୂର୍ବାହ୍ନରେ ଟାଉନ ହଲ ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗାମୀ ରଥଯାତ୍ରା କୁ ଶାନ୍ତି ଶୃଙ୍ଖଳାର ସହ ସମ୍ପର୍ଣ୍ଣ ପାଇଁ ସ୍ୱଛାସେବୀ ମାନଙ୍କ ସହ ଏକ ସମନ୍ୱୟ ସଭା ଅନୁଷ୍ଠିତ ହୋଇଥିଲା ।ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ପରିଡା ବିଗତ ବର୍ଷ ମାନଙ୍କ ରେ ରଥଯାତ୍ରାରେ ସ୍ୱଛାସେବୀ ମାନଙ୍କର ସେବା ଅନନ୍ୟ ଓ ପ୍ରଶଂସନୀୟ ରହିଥିଲା ।ଚଳିତ ରଥଯାତ୍ରା ରେ ମଧ ଅନୁରୂପ ଭାବେ ନିଷ୍ଠାର ସହ ସେବା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ । ସ୍ୱେଚ୍ଛାସେବୀ ମାନେ ସେବା ମାଧ୍ୟମରେ ସେମାନଙ୍କ ପରିଚୟ ସୃଷ୍ଟି କରିବା ଆବଶ୍ୟକ ।ତେଣୁ ସ୍ୱଛାସେବୀ ଅନୁଷ୍ଠାନ ମାନେ ସେମାନଙ୍କ ଅନୁଭବ ଓ ଅଭିଜ୍ଞତା ରୁ ପ୍ରଭୁ ଙ୍କ କାର୍ଯ୍ୟରେ ବିଭିନ୍ନ ସେବା ଯୋଗାଇ ଦେବା ଉଚିତ ।

ଆବେଦନ କରୁଥିବା ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କ କାର୍ଯ୍ୟାବଳୀର ସମୀକ୍ଷା ସହ ଯେଉଁ ମାନେ ସଠିକ ଭାବେ ସେବା କାର୍ଯ୍ୟ କରୁନାହାଁନ୍ତି ସେମାନ ଙ୍କୁ ଅନୁମତି ଦିଆଯିବ ନାହିଁ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରି ଦେଇଥିଲେ ।ଏସପି ପ୍ରତୀକ ସିଂ ରଥଯାତ୍ରା ସମୟରେ ଶୃଙ୍ଖଳିତ ଭାବେ ସେବା ଯୋଗାଇବା ଅର୍ଥ ମହାପ୍ରଭୁଙ୍କ ସେବା କରିବା ।ତେଣୁ ବିବିଧ ସେବା ରେ ନିୟୋଜିତ ସ୍ୱେଚ୍ଛାସେବୀ ମାନେ ପ୍ରକୃତ ସେବା କରିବାକୁ ସଂକଳ୍ପବଦ୍ଧ ହେବାକୁ ଅନୁରୋଧ କରିଥିଲେ ।ପ୍ରାରମ୍ଭରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ ଶରତ ଚନ୍ଦ୍ର ମହାପାତ୍ର ସମସ୍ତଙ୍କୁ ସ୍ୱାଗତ କରିବା ସହ ବିଗତ ବର୍ଷ ମାନଙ୍କ ଭଳି ସ୍ୱଛାସେବୀ ମାନେ ଉନ୍ନତ ସେବା ଯୋଗାଇ ଦେବା କୁ ଅନୁରୋଧ କରିବା ସହ ପ୍ରଶାସନ ପକ୍ଷରୁ ମଧ ଅନୁରୂପ ସହଯୋଗ ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଥିଲେ ।

ଖାଦ୍ୟ ଓ ପାନୀୟ ଯୋଗାଉଥିବା ଅନୁଷ୍ଠାନ ମାନେ ସେମାନଙ୍କୁ ପ୍ରଦତ ନିର୍ଦ୍ଧାରିତ ସ୍ଥାନରେ ସଠିକ ସମୟ ପୂର୍ବରୁ ପହଂଚିବା ସହ ଡଷ୍ଟବିନ ରଖିବା, ବ୍ୟବହାର କରାଯାଉଥିବା ସ୍ଥାନକୁ ପରିଷ୍କାର ରଖିବା, ଅଳିଆ ଖୁଡିକୁ ନିୟମିତ ବ୍ୟବଧାନରେ ହଟେଇବା କିମ୍ବା ବଡ ବଡ଼ ଜରି ଅଖା ମାନଙ୍କ ରେ ସଂରକ୍ଷିତ ରଖି କାର୍ଯ୍ୟ ସରିବା ପରେ ଅପସାରଣ କରି ନେବାକୁ ପରାମର୍ଶ ଦିଆଯାଇଥିଲା ।ଏହା ଏକ ସେବା କାର୍ଯ୍ୟ ।ତେଣୁ ପରସ୍ପର ସମନ୍ୱୟ ରଖି ସ୍ନାନ ଯାତ୍ରା ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ପ୍ରଭୁ ଙ୍କ କାର୍ଯ୍ୟ ରେ ନିଷ୍ଠାପର ଭାବେ ନିୟୋଜିତ ରହିବାକୁ ସମସ୍ତେ ମତ ଦେଇଥିଲେ ।ସ୍ୱାସ୍ଥ୍ୟ ସେବା,ଆମ୍ବୁଲାନ୍ସ ସେବା, ଆଶୁ ଚିକିତ୍ସା କେନ୍ଦ୍ର ସ୍ଥାପନ, ପାନୀୟ ଜଳ ବଂଟନ, ଜଳ ସିଂଚନ,ଶାନ୍ତି ଶୃଙ୍ଖଳା ରକ୍ଷା, ପରିମଳ ବ୍ୟବସ୍ଥା, ସୂଚନା ସେବା ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ବିଷଦ ଆଲୋଚନା ଓ ପ୍ରସ୍ତାବ,ପରାମର୍ଶ ଗ୍ରହଣ କରାଯାଇଥିଲା ।ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ବୈଠକରେ ପୁରୀ ମହାନଗର ନିଗମ ର କମିଶନର ସ୍ନେହା ଅରୁଗୁଳା ,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ପୁରୀ ମହାନଗର ନିଗମ ର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଏସ ପି ସଚିନ ପଟେଲ,ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ,ଜିଲ୍ଲା ସ୍ତରୀୟ ବିଭିନ୍ନ ଅଧିକାରୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।ଏହି ସଭାରେ ଅନ୍ୟାନ୍ୟ ବିଭାଗର ଅଧିକାରୀ ଙ୍କ ସହ ବିଭିନ୍ନ ସ୍ୱଛାସେବୀ ଅନୁଷ୍ଠାନର କର୍ମକର୍ତା ପ୍ରମୁଖ ଯୋଗ ଦେଇ ବିବିଧ ପ୍ରସ୍ତାବ ଦେଇଥିଲେ ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ ।

## ଆସନ୍ତା ୧୮ ଓ ୨୫ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି



ଭୁବନେଶ୍ୱର : ଆସନ୍ତା ମଇ ୧୮ ଓ ୨୫ତାରିଖରେ ମୁଖ୍ୟମନ୍ତ୍ରୀଙ୍କ "ଜନ ଅଭିଯୋଗ ଶୁଣାଣି' କାର୍ଯ୍ୟକ୍ରମ ବନ୍ଦ ରହିବ । ପ୍ରଚଣ୍ଡ ରୌଦ୍ର ତାପ ଯୋଗୁଁ ଆସନ୍ତା ସୋମବାର ମଇ ୧୮ତାରିଖ ଓ ପରବର୍ତ୍ତୀ ସୋମବାର ମଇ ୨୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ । ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଆସନ୍ତା ୨୬ରେ କେରଳ ଛୁଇଁବ ମୌସୁମୀ !



ନୂଆଦିଲ୍ଲୀ : ଗ୍ରୀଷ୍ମ ପ୍ରବାହରେ ସନ୍ତୁଳି ହେଉଥିବା ଦେଶବାସୀଙ୍କ ପାଇଁ ଆସିଛି ଏକ ବଡ଼ ତଥା ଆଶ୍ୱସ୍ତିକର ଖବର । ଚଳିତ ବର୍ଷ ଦେଶରେ ମୌସୁମୀ ଆଗୁଆ ପହଂଚିବାକୁ ଯାଉଛି । ଭାରତୀୟ ପାଣିପାଗ ବିଭାଗର ତାଜା ଆକଳନ ଅନୁଯାୟୀ, ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ମେ ୨୬ ତାରିଖ ସୁଦ୍ଧା କେରଳ ଉପକୂଳ ଛୁଇଁବାର ପ୍ରବଳ ସମ୍ଭାବନା ରହିଛି । ସାଧାରଣତଃ କେରଳ ଉପକୂଳରେ ମୌସୁମୀ ଜୁନ୍ ୧ ତାରିଖ ବେଳକୁ ପ୍ରବେଶ କରିଥାଏ ଏବଂ ଏହାକୁ ହିଁ ମୌସୁମୀର ସ୍ୱାଭାବିକ ସମୟ ବୋଲି ଧରାଯାଏ । କିନ୍ତୁ ଆଇଏମ୍‌ଡି ରିପୋର୍ଟ ମୁତାବକ, ଏଥର ଏହା ନିର୍ଦ୍ଧାରିତ ସମୟର ପ୍ରାୟ ୬ ଦିନ ପୂର୍ବରୁ ଛୁଇଁବ । ଅବଶ୍ୟ ଏହି ତାରିଖରେ ୪ ଦିନ ଏପଟସେପଟ ହୋଇପାରେ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି ।











## ଆଜି ସିକିମ୍ ଗସ୍ତ କରିବେ ଉପ ରାଷ୍ଟ୍ରପତି



ନୂଆଦିଲ୍ଲୀ : ଉପରାଷ୍ଟ୍ରପତି ଶ୍ରୀ ସି. ପି. ରାଧାକ୍ରିଷ୍ଣନ ସିକିମ ରାଜ୍ୟ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେବା ପାଇଁ ୧୬ ମଇ (ଶନିବାର) ରେ ଗ୍ୟାଙ୍ଗଟକ୍ ଗସ୍ତ କରିବେ । ଉପରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ତାଙ୍କର ପ୍ରଥମ ରାଜ୍ୟ ଗସ୍ତ ହେବ । ଏହା ଉଲ୍ଲେଖନୀୟ ଯେ ସିକିମ୍ ପ୍ରତିଷ୍ଠା ଦିବସ ପ୍ରତିବର୍ଷ ୧୬ ମଇରେ ପାଳନ କରାଯାଏ । ଏହି ଦିନ ସିକିମ ଭାରତର ୨୨ ତମ ରାଜ୍ୟ ହେବା ସମୟରେ ଘଟିଥିବା ଐତିହାସିକ ଘଟଣାକୁ ସ୍ମରଣ କରେ । ଏହି ଦିନ କେବଳ ରାଜନୈତିକ ପରିବର୍ତ୍ତନର ପ୍ରତୀକ ନୁହେଁ ବରଂ ସିକିମର ସଂସ୍କୃତି, ଐତିହ୍ୟ ଏବଂ ଏକତାର ଉତ୍ସବ ମଧ୍ୟ । ଭାରତର ସ୍ୱାଧୀନତା ପରେ, ସିକିମ ଏକ ସ୍ୱାଧୀନ ଦେଶୀୟ ରାଜ୍ୟ ହୋଇ ରହିଲା । ୧୯୪୭ ମସିହାରେ ଭାରତର ସ୍ୱାଧୀନତା ପରେ, ସିକିମ ଭାରତ ସହିତ ଏକ ସ୍ୱତନ୍ତ୍ର ଚୁକ୍ତି କରିଥିଲା । ଯାହା ଅଧୀନରେ ଏହା ଏକ ସଂରକ୍ଷିତ ରାଜ୍ୟରେ ପରିଣତ ହୋଇଥିଲା । ଏହି ସ୍ଥିତି ୧୯୭୫ ମସିହା ପର୍ଯ୍ୟନ୍ତ ଜାରି ରହିଥିଲା । ସିକିମ ଭାରତର ସବୁଠାରୁ ଛୋଟ ରାଜ୍ୟ, ଏହାର ମଠ ସଂଖ୍ୟା ପାଇଁ ପ୍ରସିଦ୍ଧ, କାରଣ ଏଠାରେ ୨୦୦ ରୁ ଅଧିକ ମଠ ଅବସ୍ଥିତ । ସିକିମର ସଂସ୍କୃତିରେ ହିନ୍ଦୁ ଧର୍ମ ଏବଂ ବୌଦ୍ଧ ଧର୍ମର ଏକ ଅନନ୍ୟ ମିଶ୍ରଣ ରହିଛି, ଯାହା ତିନୋଟି ଭିନ୍ନ ସମ୍ପ୍ରଦାୟର ପରମ୍ପରା, ବିଶ୍ୱାସ ଏବଂ ରୀତିନୀତିର ମିଶ୍ରଣ ଦ୍ୱାରା ଗଠିତ ।

## ରାଜସ୍ୱ କର୍ମଚାରୀଙ୍କ ବଦଳି ପ୍ରକ୍ରିୟା ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଲେ ସରକାର



ଭୁବନେଶ୍ୱର : ରାଜସ୍ୱ ପ୍ରଶାସନ ଅଧୀନରେ କାର୍ଯ୍ୟରତ ମନ୍ତ୍ରଣାଳୟ କର୍ମଚାରୀ ଏବଂ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ବଦଳି ଓ ରୋଟେସନ୍ ପ୍ରକ୍ରିୟାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି । ଏ ସଂକ୍ରାନ୍ତରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି । ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶ ଅନୁଯାୟୀ, ବିଭାଗରେ କାର୍ଯ୍ୟରତ ସେକ୍ସନ୍ ଅଫିସର (ଏସଓ), ସିନିୟର ରେଭେନ୍ୟୁ ଆସିଷ୍ଟାଂଟ୍ (ଏସଆରଏ), ଜୁନିୟର ରେଭେନ୍ୟୁ ଆସିଷ୍ଟାଂଟ (ଜେଆରଏ) ଏବଂ କ୍ଷେତ୍ରସ୍ତରରେ କାର୍ଯ୍ୟରତ ରେଭେନ୍ୟୁ ସୁପରଭାଇଜର (ଆରଏସ), ରେଭେନ୍ୟୁ ଇନ୍ସପେକ୍ଟର (ଆରଆଇ), ଅସିଷ୍ଟାଂଟ ରେଭେନ୍ୟୁ ଇନ୍ସପେକ୍ଟର (ଏଆରଆଇ), ଅମିନ ପ୍ରମୁଖ କର୍ମଚାରୀ ଯେଉଁମାନେ ଗୋଟିଏ କାର୍ଯ୍ୟାଳୟରେ ତିନି ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟରତ ଅଛନ୍ତି, ସେମାନଙ୍କର ବଦଳି ଓ ରୋଟେସନ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ୍, ତହସିଲ୍ କାର୍ଯ୍ୟାଳୟରେ ପ୍ରଶାସନିକ କାର୍ଯ୍ୟଦକ୍ଷତା, ସ୍ୱଚ୍ଛତା ଓ ପାରଦର୍ଶିତା ବଜାୟ ରଖିବା ଉଦ୍ଦେଶ୍ୟରେ ଏହି ନିର୍ଦ୍ଦେଶ ଜାରି କରାଯାଇଛି । ତେବେ, ବିଭିନ୍ନ ଜିଲ୍ଲାରେ ବକେୟା ଥିବା ବଦଳିକୁ ରାଜ୍ୟ ସରକାର ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି । ଏହି ପରିପ୍ରେକ୍ଷୀରେ, ସମସ୍ତ ଜିଲ୍ଲାପାଳଙ୍କୁ ଚଳିତ ବଦଳି ଋତୁ ମଧ୍ୟରେ ଅର୍ଥାତ୍ ୧୫ ଜୁନ୍ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ ବଦଳି ଓ ରୋଟେସନ୍ ପ୍ରକ୍ରିୟା ସମାପ୍ତ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ।

## ନୀଳ ଅର୍ଥନୀତି ବିକାଶ ସଂପର୍କିତ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର : ଓଡ଼ିଶାରେ ସମୁଦ୍ର ସମ୍ପଦକୁ ନେଇ ନିରନ୍ତର ଅଭିବୃଦ୍ଧି ଲକ୍ଷ୍ୟ ରଖି ନୀଳ ଅର୍ଥନୀତି (ବ୍ଲୁ ଇକୋନୋମି) କ୍ଷେତ୍ରର ବିକାଶ ସଂପର୍କରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ଗତ ସୋମବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏ ସଂପର୍କରେ ଗତ ମାର୍ଚ୍ଚ ୧୩ ଓ ୧୪ ତାରିଖରେ ଭୁବନେଶ୍ୱରେ ଆୟୋଜିତ ନୀଳ ଅର୍ଥନୀତିସଂପର୍କିତ ବୈଶ୍ୱିକ ସମ୍ମିଳନୀ (ଗ୍ଲୋବାଲ ସମିଟ୍ ଅନ୍ ନୀଳ ଅର୍ଥନୀତି-୨୦୨୬) ର ସୁପାରିଶଗୁଡ଼ିକ ଆଧାରରେ ରାଜ୍ୟର ଏକ ସମନ୍ୱିତ ନୀଳ ଅର୍ଥନୀତି ରୋଡମ୍ୟାପ୍ ପ୍ରସ୍ତୁତି କରିବା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବୈଠକରେ ରାଜ୍ୟରେ ବ୍ଲୁ ଇକୋନୋମି କ୍ଷେତ୍ରରେ ପଦକ୍ଷେପ ପାଇଁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗକୁ ନୋଡାଲ ବିଭାଗ ଭାବେ ମନୋନିତ କରାଯାଇଛି । ସରକାରଙ୍କ ବିଭିନ୍ନ ବିଭାଗର ସାମୁହିକ ପ୍ରୟାସରେ ସମନ୍ୱିତ ଯୋଜନାରେ ଏହି ପଦକ୍ଷେପ



କାର୍ଯ୍ୟକାରୀ ହେବ ।ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ପ୍ରେମଚନ୍ଦ୍ର ଚୌଧାରୀ ରାଜ୍ୟରେ ନୀଳ ଅର୍ଥନୀତି କ୍ଷେତ୍ରରେ ନିଆଯିବାକୁ ଥିବା ପଦକ୍ଷେପ ସଂପର୍କରେଉପସ୍ଥାପନ କରିଥିଲେ । ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗ ସମେତ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଜଳ ସଂପଦ, ଶକ୍ତି, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ବାଣିଜ୍ୟ ଓ ପରିବହନ, ପର୍ଯ୍ୟଟନ ଆଦି ବିଭାଗଙ୍କ ସମ୍ମିଳିତ ପ୍ରୟାସରେ ଏକ ସମ୍ମିଳିତ ପଦକ୍ଷେପ (କନଭରଜେନ୍ସ ଫ୍ରେମୱାର୍କ) ସ୍ଥାପନ କରାଯିବ । ଭୁବନେଶ୍ୱରସିଟି ନଲେଜ ଇନୋଭେସନ କଷ୍ଟର (ବିସିକେଆଇସି) ନଲେଜ୍ ପାର୍ଟନର ଭାବେ ସହଯୋଗ କରିବ । ସମନ୍ୱିତ ଯୋଜନା, ଭାଗିଦାରୀ ଧାର୍ଯ୍ୟ ଲକ୍ଷ୍ୟ ନେଇ ଏକ ବ୍ଲୁ ଇକୋନୋମି ରୋଡ୍ ମ୍ୟାପ୍ ପ୍ରସ୍ତୁତି କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି । ନୀଳ ଅର୍ଥନୀତି ପ୍ରୟାସର ନିରୀକ୍ଷଣ ଓ ସମନ୍ୱୟ ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କ ଫୋର୍ସ ଗଠନ କରାଯିବ । ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗକୁ ଆନ୍ତଃ ବିଭାଗୀୟ ସମନ୍ୱୟ କରି ପ୍ରସ୍ତାବ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଇବାକୁ ପରାମର୍ଶ ଦିଆଯାଇଛି ।

### ପତ୍ର ସୂଚନା କାର୍ଯ୍ୟାଳୟ ଦ୍ୱାରା ଦୂରଦର୍ଶନ କେନ୍ଦ୍ର ରାଂଚିରେ ପ୍ରଚାର ସମନ୍ୱୟ ସମିତିର ବୈଠକ

## ସମନ୍ୱୟ ଦ୍ୱାରା ଗଣଯୋଗାଯୋଗ ଅଧିକ ପ୍ରଭାବୀ ହେବ: ଅଖିଳ କୁମାର ମିଶ୍ର

ରାଂଚି/ଭୁବନେଶ୍ୱର : ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ରାଂଚି ପକ୍ଷରୁ ଆଜି ଦୂରଦର୍ଶନ କେନ୍ଦ୍ର ରାଂଚିଠାରେ ଆନ୍ତଃ ଗଣମାଧ୍ୟମ ପ୍ରଚାର ସମନ୍ୱୟ ସମିତି (ଆଇଏମପିସିସି)ର ବୈଠକ ଆୟୋଜିତ ହୋଇଛି । ପିଆଇବି ରାଂଚି/ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ । ନିଜ ଅଭିଭାଷଣରେ ଶ୍ରୀ ଅଖିଳ କୁମାର ମିଶ୍ର କହିଥିଲେ ଯେ, ପ୍ରଭାବଶାଳୀ ଗଣଯୋଗାଯୋଗ ପାଇଁ ବିଭିନ୍ନ ସଂସ୍ଥା ମଧ୍ୟରେ ସୁଦୃଢ଼ ସମନ୍ୱୟ, ନିୟମିତ ଆଲୋଚନା ଓ ସହଭାଗୀତାମୂଳକ କାର୍ଯ୍ୟପଦ୍ଧତି ଅତ୍ୟାବଶ୍ୟକ । ସେ କହିଥିଲେ ଯେ, ସମନ୍ୱିତ ପ୍ରୟାସ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମକୁ ସାଧାରଣ ଲୋକଙ୍କ ପାଖରେ ଅଧିକ ପ୍ରଭାବୀ ଭାବରେ ପହଂଚାଇପାରିବ । ରାଂଚି ପିଆଇବି ଏବଂ ସିବିସି କାର୍ଯ୍ୟାଳୟର ମୁଖ୍ୟ ଶ୍ରୀ



ରାଜେଶ କୁମାର ସିହ୍ନା କହିଥିଲେ, ଆଇଏମପିସିସି ବୈଠକର ମୂଳ ଉଦ୍ଦେଶ୍ୟ ହେଉଛି କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ବୃଦ୍ଧି ସହିତ ଜନସମ୍ପର୍କ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଏବଂ ପ୍ରଭାବଶାଳୀ କରିବା । ନାର୍କୋଟିକ୍ସ କଂଟ୍ରୋଲ ବ୍ୟୁରୋ (ଏନସିବି), ରାଂଚି ୟୁନିଟ୍ର ଅଧୀକ୍ଷକ ଶ୍ରୀ ଶାରିକ ଉମର କହିଥିଲେ ଯେ ୨୦୨୬ ମସିହାରେ, ବ୍ୟୁରୋ ପାଂଚଟି ପ୍ରମୁଖ ଅଭିଯାନ ଚଳାଇଥିଲା, ଯାହା ଫଳରେ ବିପୁଳ ପରିମାଣରେ ନିଶାଦ୍ରବ୍ୟ ଜବତ କରାଯାଇଥିଲା । ଦୂରଦର୍ଶନ ରାଂଚିର କାର୍ଯ୍ୟକ୍ରମ ମୁଖ୍ୟ ଶ୍ରୀ ଅମିତ କୁମାର କହିଥିଲେ ଯେ, ଦୂରଦର୍ଶନ ସ୍ଥାନୀୟ ଭାଷାରେ ଧାରାବାହିକ ଓ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସାରଣ କରୁଛି ।

## ନବ ନିଯୁକ୍ତ ଓଆଇଏସ ଅଧିକାରୀଙ୍କ ଓରିଏଂଟେସନ୍ କାର୍ଯ୍ୟକ୍ରମକୁ ସମ୍ବୋଧିତ କଲେ ଆଇଆଇଏମସି ଭିସି

ଢେଙ୍କାନାଳ : ଭାରତୀୟ ଜନ ଯୋଗାଯୋଗ ସଂସ୍ଥାନର ଭାଇସ୍ ଚାନ୍ସେଲର ଡକ୍ଟର ପ୍ରଜ୍ଞା ପାଲିୱାଲ୍ ଗୌର ଶୁକ୍ରବାର ଓଡ଼ିଶା ସୂଚନା ସେବା ର ନବନିଯୁକ୍ତ ଅଧିକାରୀମାନଙ୍କୁ ସରକାରୀ ପଦକ୍ଷେପଗୁଡ଼ିକୁ ଲୋକଙ୍କ ନିକଟରେ ପହଂଚାଇବା ସମୟରେ ସଚ୍ଚୋଟତା, ସମ୍ବେଦନଶୀଳତା ଏବଂ ପ୍ରତିବଦ୍ଧତାର ସହିତ କାମ କରିବାକୁ ଅନୁରୋଧ କରିଛନ୍ତି । ଓଓଗଉ ଢେଙ୍କାନାଳରେ ନବନିଯୁକ୍ତ ଉପ-ବିଭାଗୀୟ ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀଙ୍କ ଦ୍ୱିତୀୟ ବ୍ୟାଚ୍ ପାଇଁ ଦଶ ଦିନିଆ ଓରିଏଂଟେସନ୍ ଏବଂ ତାଲିମ କାର୍ଯ୍ୟକ୍ରମର ଶେଷ ଅଧିବେଶନକୁ ସମ୍ବୋଧିତ କରି ଡକ୍ଟର ଗୌର କହିଛନ୍ତି ଯେ ତୃଣମୂଳ ସ୍ତରରେ ଗଣତାନ୍ତ୍ରିକ ଯୋଗାଯୋଗ, ନାଗରିକ ସମ୍ପୃକ୍ତି ଏବଂ ପ୍ରଭାବଶାଳୀ ଶାସନକୁ ସୁଦୃଢ଼ କରିବାରେ ସୂଚନା ଅଧିକାରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ସେ ଗୁରୁତ୍ୱାରୋପ କରିଥିଲେ ଯେ ଯେପରି ଓଓଗଉ ନୂଆଦିଲ୍ଲୀ ଗଣମାଧ୍ୟମ ଏବଂ




ଯୋଗାଯୋଗ ତାଲିମ କ୍ଷେତ୍ରରେ ଏକ ପ୍ରମୁଖ ପ୍ରତିଷ୍ଠାନ ଭାବରେ ଜାତୀୟ ସ୍ତରରେ ସ୍ୱୀକୃତି ହାସଲ କରିଛି, ସେହିପରି ଓଓଗଉ ଢେଙ୍କାନାଳ ମଧ୍ୟ ଓଡ଼ିଶାରେ ସୂଚନା ଏବଂ ଜନସମ୍ପର୍କ କ୍ଷେତ୍ରରେ ବୃତିଗତ ତାଲିମ ପାଇଁ ଏକ ଅଗ୍ରଣୀ କେନ୍ଦ୍ର ଭାବରେ ଉଭା ହୋଇଛି । 'ଦକ୍ଷତା ବିକାଶ ଏବଂ ବୃତିଗତ ତାଲିମରେ ଓଓଗଉ ଢେଙ୍କାନାଳର ବର୍ଦ୍ଧିତ ଅବଦାନ ଦେଖିବା ଉପ-ଚାନ୍ସଲର ଭାବରେ ମୋ ପାଇଁ ଗର୍ବର ବିଷୟ,' ସେ କହିଥିଲେ । ୫ ମଇରୁ ୧୫ ମଇ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ତାଲିମ କାର୍ଯ୍ୟକ୍ରମରେ ପ୍ରେସ୍ ରିଲିଜ୍ ଲେଖା, ଜିଲ୍ଲାସ୍ତରୀୟ ଜନସମ୍ପର୍କ ପରିଚାଳନା, ସରଳ ଏବଂ ସୁଗମ ଭାଷାରେ ସରକାରୀ କଲ୍ୟାଣକାରୀ ଯୋଜନାଗୁଡ଼ିକର ଯୋଗାଯୋଗ, ସଙ୍କଟକାଳୀନ ଯୋଗାଯୋଗ, ଇଭେଂଟ ପରିଚାଳନା, କାହାଣୀ କହିବା ଏବଂ ସାଧାରଣ ଯୋଗାଯୋଗରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ଭଳି କ୍ଷେତ୍ରରେ ନୂତନ ନିଯୁକ୍ତି ପାଇଥିବା ଅଧିକାରୀଙ୍କ ବୃତିଗତ କ୍ଷମତାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା ।

## ଲକ୍ଷ୍ନୌ ଆଗରେ ୧୮୮ ରନ୍‌ର ବିଜୟ ଲକ୍ଷ୍ୟ ରଖିଲା ଚେନ୍ନାଇ

ଲକ୍ଷ୍ନୌ : ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୫୯ତମ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ୍ ହରାଇ ୧୮୭ ରନ୍ ସଂଗ୍ରହ କରିଛି । ଫଳରେ ଲକ୍ଷ୍ନୌକୁ ଏହି ମ୍ୟାଚ୍ ଜିତିବା ପାଇଁ ୧୮୮ ରନ୍‌ର ଲକ୍ଷ୍ୟ ମିଳିଛି । ସ୍ଥାନୀୟ ଭାରତରତ୍ନ ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ୍ ? ଷ୍ଟାଡିୟମରେ ଟସ୍ ଜିଣି ଘରୋଇ ଦଳ ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା । ଦଳର ଦ୍ରୁତ ବୋଲର ଆକାଶ ମହାରାଜ ସିଂହ ଶ୍ରେଷ୍ଠ ବୋଲିଂ କରିଛନ୍ତି । ସେ ୪ ଓଭର ବୋଲିଂ କରି ୨୬ ରନ୍ ଖର୍ଚ୍ଚ କରି ଚେନ୍ନାଇର ୩ଜଣ ବ୍ୟାଟରଙ୍କୁ ଆଉଟ୍ କରିଛନ୍ତି । ଚେନ୍ନାଇର ପ୍ରାରମ୍ଭିକ ବ୍ୟାଟିଂ ଉତ୍ସାହଜନକ ନଥିଲା । ସଂଜୁ ସାମସନ ଏବଂ ଋତୁରାଜ ଗାଏକ୍ୱାର୍ଡ ଇନିଂସ ଆରମ୍ଭ କରିଥିଲେ । ଲକ୍ଷ୍ନୌର ପ୍ରଥମ ଶିକାର ହୋଇଥିଲେ ଅଧିନାୟକ ଋତୁରାଜ । ସେ ୯ଟି ବଲ୍ ଖେଳି ୨ଟି ଚୌକା ବଳରେ ୧୩ ରନ୍‌ସଂଗ୍ରହ କରିଥିଲେ । ଲକ୍ଷ୍ନୌର ଦ୍ୱିତୀୟ ଶିକାର ହୋଇଥିଲେ ସଂଜୁ



ସାମସନ, ଯିଏ କି ୨୦ଟି ବଲ୍ ଖେଳି ୨୦ ରନ୍ କରିଥିଲେ । ଚେନ୍ନାଇ ତୃତୀୟ ୱିକେଟ୍ ଭାବେ ଉର୍ଭିଲ ପଟେଲ (୬ରନ୍)ଙ୍କୁ ହରାଇଥିଲା । ଏହି ତିନି ଜଣ ଖେଳାଳିଙ୍କୁ ଯୁବ ବୋଲର ଆକାଶ ମହାରାଜ ସିଂହ ଆଉଟ୍ କରିଥିଲେ । କାର୍ତ୍ତିକ ଶର୍ମା ଏବଂ ଡେୱାଲ୍ଡ ବ୍ରେଭିସ ଚତୁର୍ଥ ୱିକେଟ୍ ପାଇଁ ୮୦ ରନ୍‌ର ଭାଗିଦାରୀ ହୋଇଥିଲେ । ଚେନ୍ନାଇର ସ୍କୋର ଯେତେବେଳେ ୧୨୨ ରନ୍ ଥିଲା, ସେହି ସମୟରେ ମହମ୍ମଦ ସାମିଙ୍କ ବଲ୍ ବ୍ରେଭିସ୍ ଆଉଟ୍ ହୋଇଥିଲେ । ଏହା ପୂର୍ବରୁ ସେ ୧୬ଟି ବଲ୍‌ର ସାମ୍ନା କରିଥିଲେ, ଯେଉଁଥିରୁ ୨ଟି ଛକା ସହାୟତାରେ ୨୫ ରନ୍ ଅମଳ ହୋଇଥିଲା । କାର୍ତ୍ତିକ ଶର୍ମା ନିଜ ଦଳ ପାଇଁ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ ।

## ଥାଇଲାଣ୍ଡ ଓପନରୁ ସିନ୍ଧୁ ବିଦା, ସେମିରେ ସାତ୍ୱିକ-ଚିରାଗ



ନୂଆଦିଲ୍ଲୀ: ୨ ଥର ଅଲିମ୍ପିକ ପଦକ ଜିତିଥିବା ଭାରତର ଷ୍ଟାର ଖେଳାଳି ପିଭି ସିନ୍ଧୁଙ୍କ ଅଭିଯାନ ଚଳିତ ଥାଇଲାଣ୍ଡ ଓପନ ସୁପର ସିରିଜ ବ୍ୟାଡମିଂଟନର ଶେଷ ହୋଇଛି । ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ସେ ବିଶ୍ୱର ୩ ନମ୍ବର ଖେଳାଳି ଅକାନେ ୟାମାଗୁଚୀଙ୍କ ନିକଟରୁ ୨୧-୧୯, ୧୮-୨୧ ଓ ୧୫-୨୧ରେ ହାରି ଯାଇଛନ୍ତି । ସିନ୍ଧୁ ପୂର୍ବରୁ ଡେନମାର୍କର ଅମାଲିଏ ସ୍କଲଜଙ୍କୁ ୨୧-୧୩ ଓ ୨୧-୧୫ରେ ହରାଇ କ୍ୱାର୍ଟରକୁ ଉନ୍ନୀତ ହୋଇଥିଲେ । ତେବେ ଭାରତର ପୁରୁଷ ଡବଲ୍ସ ଯୋଡି ସାତ୍ୱିକ ସାଇରାଜ ଓ ଚିରାଗ ଶେଟ୍ଟୀ ସେମିଫାଇନାଲରେ ପ୍ରବେଶ କରିଛନ୍ତ । ଭାରତୀୟ ଯୋଡି ଜାପାନର ତାକୁମୀ ନୋମୁରା ଓ ୟୁଇଚି ଶିମୋଗାମୀଙ୍କୁ ୨୧-୧୨ ଓ ୨୧-୧୩ରେ ପରାସ୍ତ କରିଥିଲେ । ଏହି ମ୍ୟାଚରେ ବିଜୟ ହାସଲ କରିବାକୁ ସେମାନଙ୍କୁ ୪୧ ମିନିଟ ସମୟ ଲାଗିଥିଲା । ୨୦୨୬ରେ ସେମାନେ ପ୍ରଥମ ଥର ପାଇଁ ୱାର୍ଲ୍ଡ ଟୁର ଇଭେଂଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି । ଏହି ମ୍ୟାଚରେ ଭାରତୀୟ ଯୋଡି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ମ୍ୟାଚକୁ ରଖିଥିଲେ । ଜାପାନୀ ଯୋଡି ପ୍ରତ୍ୟାବର୍ତ୍ତନ ପାଇଁ ଯଥାସମ୍ଭବ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ ।

## ଇଶାନ କିଷନଙ୍କୁ ସମ୍ମାନୀତ କଲେ ବିହାରର ମୁଖ୍ୟମନ୍ତ୍ରୀ ସମ୍ରାଟ୍ ଚୌଧୁରୀ

ନୂଆଦିଲ୍ଲୀ : ଟିମ୍ ଷ୍ଟାର ବ୍ୟାଟ୍ସମ୍ୟାନ ଇଶାନ କିଷନଙ୍କୁ ସମ୍ମାନୀତ କଲେ ବିହାରର ମୁଖ୍ୟମନ୍ତ୍ରୀ ସମ୍ରାଟ୍ ଚୌଧୁରୀ । ଗତ ଟି-୨୦ ବିଶ୍ୱକପରେ ଦମଦାର ପ୍ରଦର୍ଶନ କରିଥିବା କିଷନଙ୍କ ପାଟନାରେ ଏକ କୋଟି ଟଙ୍କାର ଚେକ୍ ମଧ୍ୟ ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ । ଏଭଳି ସମ୍ମାନୀତ କରିଥିବା ସହ ତାଙ୍କୁ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି । ଶୁକ୍ରବାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ଭେଟିଥିଲେ ଇଶାନ କିଷନ । ଏହି ଅବସରରେ ପାଟନାରେ ତାଙ୍କୁ ସମ୍ମାନୀତ କରାଯାଇଥିଲା ।




ଏହି ସମୟରେ ଇଶାନଙ୍କ ପରିବାର ସଦସ୍ୟ ତାଙ୍କ ମାଆ ସୁଚିତ୍ରା ଏବଂ ଅନ୍ୟ ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ । ଯାହାକୁ ନିଜର ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି ସମ୍ରାଟ୍ । ସେ ଲେଖିଛନ୍ତି କି, ଆପଣ ଏଭଳି ଖେଳ ଜାରି ରଖନ୍ତୁ ଏବଂ ବିହାରର ପାଇଁ ଗୌରବ ଆଣନ୍ତୁ । ICC T-20 ବିଶ୍ୱକପ୍ ୨୦୨୬ ର ଫାଇନାଲ୍ ମାର୍ଚ୍ଚ ୮ ତାରିଖରେ ହୋଇଥିଲା । ନ୍ୟୁଜିଲ୍ୟାଣ୍ଡ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତି ନେଇଥିଲା । ଇଶାନ କିଶାନ, ସଞ୍ଜୁ ସାମସନ ଏବଂ ଅଭିଷେକ ଶର୍ମାଙ୍କ ସହ ମିଶି ବିସ୍ଫୋରକ ଅର୍ଦ୍ଧଶତକ ହାସଲ କରିଥିଲେ । ଇଶାନ କିଶାନ ୫୪ ରନ କରିଥିଲେ । ମ୍ୟାଚ୍ ରେ ଟିମ୍ ଇଣ୍ଡିଆର ମୋଟ ସ୍କୋର ୨୫୫ ଥିଲା । ଦଳ ବିଶ୍ୱକପ ଜିତିଥିଲା । ତେବେ ଏହି ବିଜୟ ପରେ ତତ୍କାଳିନ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଇଶାନଙ୍କୁ ଶୁଭେଚ୍ଛା ଜଣାଇଥିବାବେଳେ ରାଜ୍ୟକୁ ଫେରିଥିବାବେଳେ ଭବ୍ୟ ସ୍ୱାଗତ ମଧ୍ୟ କରାଯାଇଥିଲା


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**